୬ ୯୦.୨୩ ମିଟର ଦୂରକୁ ଜାଭେଲିନ ଫିଙ୍ଗି ଇତିହାସ ରଚିଲେ ନୀରଜ ଚୋପ୍ରା





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

E-mail : sambadkalikanews@gmail.com

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୧୦୯ ● ୧୮ ମଇ ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-109 ● 18th May 2025, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ତ୍ରିରଙ୍ଗା ଯାତ୍ରା ଆତଙ୍କବାଦ ବିରୋଧରେ ଦେଶର ଅଭିଯାନକୁ ଆହୁରି ସଶକ୍ତ କରିବ



**ଭୁବନେଶ୍ୱର, ୧୭/୦୫**
**ନ୍ୟୁଜ ବ୍ୟୁରୋ**

'ଅପରେସନ୍ ସିନ୍ଦୂର'ର ସଫଳତା ପାଳନ ଅବସରରେ ଭୁବନେଶ୍ୱର ଲିଙ୍ଗିପୁର ପଞ୍ଚାୟତରେ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରାକୁ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବା ସହିତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ମୁଖ୍ୟମନ୍ତ୍ରୀ ଲିଙ୍ଗିପୁର ପଞ୍ଚାୟତର ନୂଆଗାଁ ଛକଠାରୁ ଝାଡୁମଲ୍ଲୀ ମନ୍ଦିର ପର୍ଯ୍ୟନ୍ତ ହଜାର ହଜାର ଲୋକଙ୍କ ସହିତ ପ୍ରାୟ ୨ କିଲୋମିଟର ଅଞ୍ଚଳ ଶୋଭାଯାତ୍ରା କରିଥିଲେ।

ସୂଚନାଯୋଗ୍ୟ ଯେ, ଦେଶବ୍ୟାପୀ ଚଳିତ ମାସ ୧୭ ଓ ୧୮ ତାରିଖରେ ପଞ୍ଚାୟତ ସ୍ତରରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହେଉଛି।

ଶୋଭାଯାତ୍ରାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, 'ଅପରେସନ୍ ସିନ୍ଦୂର'ର ସଫଳତା ପରେ ଏହି ତ୍ରିରଙ୍ଗା ଯାତ୍ରା ଆତଙ୍କବାଦ ବିରୋଧରେ ଦେଶର ଅଭିଯାନକୁ ଆହୁରି ସଶକ୍ତ କରିବ । ଜାତି, ଧର୍ମ ନିର୍ବିଶେଷରେ ସବୁ ଭାରତୀୟ ଯେତେବେଳେ ତ୍ରିରଙ୍ଗା ତଳେ ଏକଜୁଟ୍ ହେବେ, ସେତେବେଳେ କୌଣସି ଶକ୍ତି ଆମ ବିରୋଧରେ ସଫଳ ହେବେନାହିଁ । ଆମ ଜାତୀୟ ପତାକା ତ୍ରିରଙ୍ଗା ହେଉଛି, ଆମର ସଂକଳ୍ପ, ସଂଘର୍ଷ, ବଳିଦାନ ଓ ତ୍ୟାଗର ପ୍ରେରଣାଦାୟୀ ମୂକସାକ୍ଷୀ ।

ସେ ପୁଣି କହିଥିଲେ, ଆମର ସେନାବାହିନୀର ବୀର ଯବାନମାନେ ଆମ ମା'ମାନଙ୍କର ଓ ଭଉଣୀମାନଙ୍କର ସିନ୍ଦୂରର ମର୍ଯ୍ୟାଦା ରଖିଛନ୍ତି, ସେଥିପାଇଁ ମୁଁ ସେମାନଙ୍କୁ ସଲାମ୍ କରୁଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଆମେ ସବୁ ଭାରତୀୟ ନିରାପଦ। ମୋଦୀ କହିଛନ୍ତି ପ୍ରତ୍ୟେକ ଭାରତୀୟ ଶାନ୍ତି ଓ ସୁରକ୍ଷା ସହିତ ରହିବା ପାଇଁ ଭାରତବର୍ଷ ଶକ୍ତିଶାଳୀ ହେବା *(ପୃଷ୍ଠା ୭ରେ)*

## ଶୃଙ୍ଖଳିତ ହେବ ସ୍ନାନଯାତ୍ରା ଓ ରଥଯାତ୍ରା



**ପୁରୀ ୧୭।୫**
**ନ୍ୟୁଜ ବ୍ୟୁରୋ**

ଆସନ୍ତା ଜୁନ୍ ୧୧ ତାରିଖରେ ପବିତ୍ର ସ୍ନାନ ଯାତ୍ରା ଓ ଜୁନ୍ ୨୭ରେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା । ତେବେ ସ୍ନାନ ଯାତ୍ରା ଓ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇସାରିଛି । ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଶନିବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦଇତାପତି ନିଯୋଗ ସଭାପତି, ବାଡଗ୍ରାହୀ ଏବଂ ପୂଜାପଣ୍ଡା ନିଯୋଗର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ମହାପ୍ରଭୁଙ୍କ ନୀତିକୁ କିଭଳି ନିର୍ଦ୍ଧାରିତ ସମୟରେ କରାଯିବ, ନୀତିକୁ ଶୃଙ୍ଖଳିତ କରାଯିବ ଏବଂ ମହାପ୍ରଭୁଙ୍କ ପହଣ୍ଡି ବିଜେ ନୀତି କିଭଳି ସୁରୁଖୁରୁରେ ଆୟୋଜନ ହୋଇପାରିବ ସେନେଇ ସବିଶେଷ ଆଲୋଚନା ହୋଇଥିଲା ।

ପୂର୍ବ ବର୍ଷ ପ୍ରଭୁ ବଳଭଦ୍ରଙ୍କ ପହଣ୍ଡି ବିଜେ ସମୟରେ ନୀତି ବିଭ୍ରାଟ ହୋଇଥିବା ବେଳେ ଚଳିତ ବର୍ଷ ଏହାର କିଭଳି ପୁନରାବୃତ୍ତି ନହେବ ସେନେଇ ମଧ୍ୟ ଆଲୋଚନା ହୋଇଥିଲା । ରଥ ଉପରେ ମୋବାଇଲ୍ ବ୍ୟବହାର ଉପରେ କଟକଣା, ରଥ ଉପରେ ଅଧିକ ସେବାୟତ ଯେଭଳି ଉପସ୍ଥିତ ନ ରୁହନ୍ତି ସେନେଇ ମଧ୍ୟ ପଦକ୍ଷେପ ନିଆଯିବ। ସ୍ନାନଯାତ୍ରା ଓ ରଥଯାତ୍ରାର ନୀତି ନିର୍ଘଣ୍ଟ ନେଇ ବୈଠକରେ ଆଲୋଚନା ହୋଇଥିବା ବେଳେ ଆସନ୍ତା ୨୧ରେ ଅନୁଷ୍ଠିତ ହେବାକୁ ଥିବା ଛତିଶା ନିଯୋଗ ବୈଠକରେ ନୀତି ନିର୍ଘଣ୍ଟକୁ ଚୂଡାନ୍ତ ଅନୁମୋଦନ କରାଯିବା ସହ ଏହା କିଭଳି ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହୋଇପାରିବ ସେନେଇ ଆଲୋଚନା କରାଯିବ ।

ସ୍ନାନଯାତ୍ରା ଓ ରଥଯାତ୍ରା ନୀତିକାନ୍ତିକୁ ଶୃଙ୍ଖଳିତ କରିବା ପାଇଁ ସେବାୟତ ନିଯୋଗର କର୍ମକର୍ତ୍ତାଙ୍କୁ ନେଇ ଏକ କମିଟି ଗଠନ ହେବ। ଏହି କମିଟିର ପରାମର୍ଶ ଅନୁଯାୟୀ ସ୍ନାନ ଯାତ୍ରା ଓ ଘୋଷଯାତ୍ରାର ସମସ୍ତ କାର୍ଯ୍ୟ କରାଯିବ । ତେବେ ଚଳିତ ବର୍ଷ ମହାପ୍ରଭୁଙ୍କ ସ୍ନାନ ଯାତ୍ରା ଓ ରଥଯାତ୍ରା ଶୃଙ୍ଖଳିତ କରିବା ପାଇଁ ଦଇତାପତି ନିଯୋଗ ମଧ୍ୟ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ଶ୍ରୀଜୀଉଙ୍କ ବାଡଗ୍ରାହୀ ମାନେ କହିଛନ୍ତି । ତେବେ ଦୀଘା ଜଗନ୍ନାଥ ମନ୍ଦିର ବିବାଦ ପ୍ରସଙ୍ଗ ନେଇ ଦଇତାପତି ନିଯୋଗର ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ରଙ୍କୁ ୧ ମାସ ପାଇଁ ନିଲମ୍ବନ କରାଯାଇଥିବା ବେଳେ ଏହାର କୌଣସି ପ୍ରଭାବ ସ୍ନାନ ଯାତ୍ରା ଓ ରଥଯାତ୍ରା ଉପରେ ପଡ଼ିବ ନାହିଁ ବୋଲି ନିଯୋଗ ପକ୍ଷରୁ କୁହାଯାଇଛି । ରାମକୃଷ୍ଣ ନିଲମ୍ବିତ ହେବା ତାହା ତାଙ୍କର ବ୍ୟକ୍ତିଗତ *(ପୃଷ୍ଠା ୭ରେ)*

## ୨୦ ମାଓବାଦୀ ଗିରଫ

**ମାଲକାନଗିରି, ୧୭/୦୫**
**ନ୍ୟୁଜ ବ୍ୟୁରୋ**

ଛତିଶଗଡ ଏବଂ ତେଲେଙ୍ଗାନା ସୀମାନ୍ତ କାରେଗଟ୍ଟା ଜଙ୍ଗଲରେ ଲଗାତାର ସର୍ଚ୍ଚ ଅପରସେନ ଜାରି ରହିଥିବା ବେଳେ ପୁଲିସକୁ ମିଳିଛି ଏକ ବଡ ସଫଳତା। ତେଲେଙ୍ଗାନା ମୁଲୁଗୁ ଜିଲ୍ଲା ପୁଲିସକୁ ଭିନ୍ନ ଭିନ୍ନ ମାଓ ସଂଗଠନର ୨୦ ଜଣ ନକ୍ସଲଙ୍କୁ ଗିରଫ କରିବାରେ ସଫଳତା ମିଳିଛି। ଏଥିସହ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋଟକ ମଧ୍ୟ ଜବତ କରାଯାଇଛି।

ନକ୍ସଲ ଦମନ କ୍ଷେତ୍ରରେ ପୁଲିସର ଘନଘନ ଚଢଉ ଏବଂ ଅପରେସନ ବେଳେ ଭେଙ୍କଟାପୁରମ, ବାଜେଡୁ, କନ୍ୟାୟିଗୁଡମ ଅଞ୍ଚଳରୁ ଏହି ନକ୍ସଲମାନଙ୍କୁ ଗିରଫ କରାଯାଇଥିବା ଜଣାପଡିଛି। ଏମାନଙ୍କ ମଧ୍ୟରେ ଜଣେ ଡିଭିଜନ ମେମ୍ବର, ୫ ଏରିଆ କମିଟି ମେମ୍ବର ଏବଂ ୧୪ ଜଣ ପାର୍ଟି ସଦସ୍ୟ ରହିଛନ୍ତି। ପୁଲିସ ସର୍ଚ୍ଚ ଅପେରସନ କରୁଥିବା ବେଳେ ଏହି ମାଓବାଦୀମାନେ ଜଙ୍ଗଲରେ ବୋମା *(ପୃଷ୍ଠା ୭ରେ)*

## ୧୯ରୁ ହାଇକୋର୍ଟଙ୍କ ଗ୍ରୀଷ୍ମ ଅବକାଶ

**କଟକ, ୧୭/୦୫**
**ନ୍ୟୁଜ ବ୍ୟୁରୋ**

ଆସନ୍ତା ୧୯ ତାରିଖରୁ ହାଇକୋର୍ଟଙ୍କ ଗ୍ରୀଷ୍ମ ଅବକାଶ ଆରମ୍ଭ ହେଉଛି । ଫଳରେ ୧୯ ତାରିଖରୁ କୋର୍ଟ ବନ୍ଦ ହେବ ଓ ଜୁନ୍ ୧୭ ତାରିଖରୁ ଅଦାଲତ କାର୍ଯ୍ୟାରମ୍ଭ କରିବେ । ଏହି ସମୟ ମଧ୍ୟରେ ଜରୁରୀ ମାମଲାର ଶୁଣାଣି ପାଇଁ ୮ ଦିନ ଅବକାଶକାଳୀନ ଅଦାଲତ ବସିବ ବୋଲି ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ୍‌ଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି । ସାଧାରଣ ଛୁଟିଦିନକୁ ଛାଡ଼ିଦେଲେ ଅନ୍ୟ ଦିନ ହାଇକୋର୍ଟ କାର୍ଯ୍ୟାଳୟ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନିୟମିତ *(ପୃଷ୍ଠା ୭ରେ)*

## ପାକିସ୍ତାନ ଭୟଭୀତ ହୋଇପଡ଼ିଛି: ଶାହ



**ନୂଆଦିଲ୍ଲୀ, ୧୭/୦୫**

ଗୁଜରାଟର ଗାନ୍ଧୀନଗରରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଗୃହମନ୍ତ୍ରୀ ଅମିତ ଶାହ ପାକିସ୍ତାନ ଉପରେ ବର୍ଷିଛନ୍ତି। ପହଲଗାମ ଆକ୍ରମଣ ପରେ ଭାରତର ପଦକ୍ଷେପକୁ ନେଇ ପାକିସ୍ତାନ ବାରମ୍ବାର ପରମାଣୁ ଆକ୍ରମଣ ଧମକ ଦେଇଆସୁଥିଲା। ହେଲେ 'ଅପରେସନ ସିନ୍ଦୂର' ସମୟରେ ପାକିସ୍ତାନୀ ପ୍ରଧାନମନ୍ତ୍ରୀଠାରୁ ଆରମ୍ଭ କରି ସେନାମୁଖ୍ୟ ଯାଏ, ସମସ୍ତେ ବଙ୍କରରେ ଲୁଚିବାକୁ ବାଧ ହୋଇଥିଲେ। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଶନିବାର ପାକିସ୍ତାନର ପରମାଣୁ ଆକ୍ରମଣ ଧମକକୁ ନେଇ କଡ଼ା ଜବାବ ଦେଇଛନ୍ତି। ଶ୍ରୀ ଶାହ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତକୁ ବିକଶିତ କରିବା ଦିଗରେ କୌଣସି ଅବେହଳା କରିନାହାନ୍ତି। ଦେଶକୁ ସୁରକ୍ଷା ରଖିବାର କାର୍ଯ୍ୟ ପ୍ରଧାନମନ୍ତ୍ରୀ କରିଛନ୍ତି। ୨୦୧୪ ପୂର୍ବରୁ ଆତଙ୍କବାଦୀ ଆକ୍ରମଣ ହେଉଥିଲା। ଅନେକ ଷଡ଼ଯନ୍ତ୍ର ହୋଇଥିଲା। କିନ୍ତୁ କୌଣସି ଜବାବ ଦିଆଯାଉ ନ ଥିଲା। କିନ୍ତୁ ଏବେ ସେଭଳି ହେଉନାହିଁ। 'ଅପରେସନ ସିନ୍ଦୂର'କୁ ନେଇ ଶାହ କହିଥିଲେ ସେନା ଇଟାର ଜବାବ ପଥରରେ ଦେଇଛନ୍ତି। ସେନା *(ପୃଷ୍ଠା ୭ରେ)*

## 'ଅପରେସନ ସିନ୍ଦୂର'- ସତ୍ୟ ମାନିଲେ ଶେହବାଜ୍ ସରିଫ୍



**ନୂଆଦିଲ୍ଲୀ, ୧୭/୦୫**

ପହଲଗାମ ଆତଙ୍କାବାଦୀ ଆକ୍ରମଣର ପ୍ରତିଶୋଧ ନେବାକୁ ପାକିସ୍ତାନରେ 'ଅପରେସନ ସିନ୍ଦୂର' ଜରିଆରେ ଭାରତ ଆତଙ୍କବାଦୀଙ୍କ ଆଡାକୁ ଧ୍ୱଂସ କରିଥିଲା । ଏହି ଅପରେସନ ସିନ୍ଦୂରରେ ପାକିସ୍ତାନର ଅନେକ ଏୟାରବେସ ଓ ଆତଙ୍କବାଦୀ ଆଡା ଧୂଳିସାତ କରିବା ସହ ଅନେକ କ୍ଷତି ହୋଇଥିବା ଭାରତ ଦାବି କରିଥିଲା । ହେଲେ ପାକିସ୍ତାନ କିନ୍ତୁ ବାରମ୍ବାର ମିଛ ପ୍ରଚାର କରୁଥିଲା ଯେ ପାକ୍ ମାଟିରେ କୌଣସି କ୍ଷତି ହୋଇନାହିଁ । ହେଲେ ଏବେ ନିଜେ ଖୋଦ୍ ପାକିସ୍ତାନର ପ୍ରଧାନମନ୍ତ୍ରୀ 'ଅପରେସନ ସିନ୍ଦୂର'ର ସଫଳତାକୁ ସ୍ୱୀକାର କରିଛନ୍ତି । ଭାରତର ପ୍ରତିଶୋଧମୂଳକ ଆକ୍ରମଣରେ ତାଙ୍କର ଅନେକ ବାୟୁସେନା ଘାଟି ଧ୍ୱଂସ ପାଇଥିବା କହିଛନ୍ତି ଶ୍ରୀ ଶେହବାଜ୍ । ସବୁଠାରୁ ହାଇପ୍ରୋଫାଇଲ ଏୟାରବେସକୁ ଧ୍ୱଂସ କରିଛି ଭାରତ। ପାକିସ୍ତାନର ଏହି ସ୍ୱୀକାରୋକ୍ତି ଏବେ ସର୍ବ ସମ୍ମୁଖରେ ଆସିଛି । ଏହା ସେହି ମିଛୁଆ ପାକିସ୍ତାନ, ଯିଏକି ପୂର୍ବରୁ ଏ ପର୍ଯ୍ୟନ୍ତ କହିଆସୁଥିଲା ଯେ ପାକିସ୍ତାନରେ କିଛି ହୋଇନାହିଁ । ନିଜ ଦେଶର ଲୋକଙ୍କୁ ମୂର୍ଖ ବନାଉଥିଲା ଏବଂ ବିଜୟର ଉତ୍ସବ ପାଳନ କରୁଥିଲା । ଏବେ କିନ୍ତୁ କହୁଛି ଯେ ଭାରତ ବହୁତ କ୍ଷତି କରିଛି । ଶେହବାଜ ସରିଫ୍‌ଙ୍କ ଏକ ଭିଡ଼ିଓ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି । ଭିଡ଼ିଓରେ ସେ କହିଛନ୍ତି ଯେ ୯ ତାରିଖ ଏବଂ ୧୦ ତାରିଖରେ ରାତି ପ୍ରାୟ ୨ଟା ୩୦ ମିନିଟ ସମୟରେ ଜେନେରୋଲ ଆସିମ୍ ମୁନୀର ତାଙ୍କୁ ଫୋନ୍ କରି କହିଥିଲେ ଯେ ଭାରତର ଯବାନ ଏବେ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର *(ପୃଷ୍ଠା ୭ରେ)*

## କରୋନାକୁ ନେଇ ଭୟଭୀତ ହେବାର କୌଣସି କାରଣ ନାହିଁ: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

**ଭୁବନେଶ୍ୱର, ୧୭।୫**
**ନ୍ୟୁଜ ବ୍ୟୁରୋ**

ଏସିଆ ମହାଦେଶର ଥାଇଲାଣ୍ଡ, ହଂକଂ ଏବଂ ସିଙ୍ଗାପୁରରେ ପୁଣି ଥରେ କରୋନା ସଂକ୍ରମଣ ବ୍ୟାପିବାରେ ଲାଗିଛି। ଏହି ସ୍ଥାନଗୁଡିକରେ ନୂତନ କରୋନା ରୋଗୀ ଚିହ୍ନଟ ହୋଇଥିବା ବେଳେ ରୋଗୀଙ୍କ ସଂଖ୍ୟା ହଠାତ୍ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଗୁଆ ସଜାଗ ରହିଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି।



ସେ କହିଛନ୍ତି ଯେ, ଏହାକୁ ନେଇ ଭୟଭୀତ ହେବାର କୌଣସି କାରଣ ନାହିଁ। ଚିହ୍ନଟ ହୋଇଥିବା କରୋନା ଭାଇରସ୍ ନୂଆ ଭାରିଆଣ୍ଟ ନୁହେଁ। ରୋଗ ପ୍ରତିରୋଧ କ୍ଷମତା କମିଗଲେ କରୋନା ସଂକ୍ରମଣ ହେଉଛି। ଏଥିଲାଗି ରାଜ୍ୟର ସବୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଟେଷ୍ଟିଂ ଚାଲିଛି ଏବଂ ଦୀର୍ଘଦିନ ହେବ ଏଠାରୁ କରୋନା ପଜିଟିଭ୍ ଚିହ୍ନଟ ହୋଇନାହାନ୍ତି। ରାଜ୍ୟ ସରକାର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହ ଯୋଗାଯୋଗରେ ଅଛନ୍ତି। କେନ୍ଦ୍ର ସରକାରଙ୍କ ସହ ମଧ୍ୟ କୋଭିଡ ନେଇ ରାଜ୍ୟ ସରକାର ଯୋଗାଯୋଗ କରୁଛନ୍ତି। କୌଣସି ଗାଇଡଲାଇନ ଆସିଲେ ତାକୁ ତୁରନ୍ତ କାର୍ଯ୍ୟକାରୀ କରାଯିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

ସେହିପରି କରୋନା ମାମଲାକୁ ଦୃଷ୍ଟିରେ ରଖି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସହ କେନ୍ଦ୍ର ସରକାରଙ୍କ ଆଲୋଚନା ସହ ପରିସ୍ଥିତି ଉପରେ ନଜର ରଖାଯାଇଛି । ରାଜ୍ୟ ସରକାର ମଧ୍ୟ ଏହାକୁ ନେଇ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରିଛନ୍ତି । ପରିସ୍ଥିତିକୁ ଦୃଷ୍ଟିରେ ରଖି ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁହାଯାଇଛି । ସେହିପରି ଥାଇଲାଣ୍ଡ, ହଂକଂ ଏବଂ ସିଙ୍ଗାପୁରରେ କରୋନା ସଂକ୍ରମଣ ବଢ଼ିବା ପରେ ରାଜ୍ୟ ସରକାର ଏନେଇ ସଜାଗ ରହିଛନ୍ତି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି, ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ 'ହୁ'ସହ ଆଲୋଚନା କରିଛି। ସେମାନେ କୌଣସି କେସ୍ ରିପୋର୍ଟ କରିନାହାନ୍ତି। ରାଜ୍ୟ ସରକାର କେନ୍ଦ୍ର ସହ ଯୋଗାଯୋଗରେ ଅଛନ୍ତି। ଆମକୁ ଆଲର୍ଟ ରହିବାକୁ କୁହାଯାଇଛି। ରାଜ୍ୟର ସବୁ ଜିଲ୍ଲା ମୁଖ୍ୟାଳୟରେ ଟେଷ୍ଟିଂ ଚାଲିଥିବାବେଳେ ରାଜ୍ୟରେ ଦୀର୍ଘଦିନ ହେଲା *(ପୃଷ୍ଠା ୭ରେ)*

## ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ପାଇଁ ପ୍ରସ୍ତୁତି ବୈଠକ




**ଭୁବନେଶ୍ୱର, ୧୭/୦୫**
**ନ୍ୟୁଜ ବ୍ୟୁରୋ**

ଆଗାମୀ ଜୁନ ମାସରେ ନୂଆ ସରକାର ଗଠନ ହେବାର ଏକ ବର୍ଷ ପୂର୍ତ୍ତି ପାଳନ କରାଯିବ । ଏହି ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଉଲ୍ଲେଖନୀୟ ସଫଳତା ସଂପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା, ବିଭିନ୍ନ ବିଭାଗରେ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରି ରାଜ୍ୟର ବିକାଶର ଧାରାକୁ ଆଗକୁ ନେବା ଲକ୍ଷ୍ୟ ରଖି ସରକାରଙ୍କ ତରଫରୁ ଆଗାମୀ ଜୁନ୍ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ରାଜ୍ୟ, ଜିଲ୍ଲା ଓ ବ୍ଲକସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ଶନିବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏସଂପର୍କରେ ପ୍ରଶାସନିକ ସ୍ତରରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ *(ପୃଷ୍ଠା ୭ରେ)*

## ଦୁଇ ସ୍ଲିପର ସେଲ୍ ଆତଙ୍କବାଦୀଙ୍କୁ ଗିରଫ କଲା ଏନ୍ଆଇଏ

**ନୂଆଦିଲ୍ଲୀ, ୧୭।୫**

ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନ୍ଆଇଏ)ର ବଡ଼ କାର୍ଯ୍ୟାନୁଷ୍ଠାନ। ଆତଙ୍କବାଦୀ ସଂଗଠନ ଆଇଏସ୍ଆଇଏସ୍‌ର ସ୍ଲିପର ମଡ୍ୟୁଲର ଦୁଇ ଆତଙ୍କବାଦୀ ଗିରଫ ହୋଇଛନ୍ତି। ଏହି ଗିରଫଦାରୀ ପୁନେରେ ୨୦୨୩ରେ ରୁଜୁ ଏକ ମାମଲା ସମ୍ପର୍କିତ ରହିଛି, ଯେଉଁଥିରେ ଆଇଏସ୍ଆଇଏସ୍‌ର ସ୍ଲିପର ସେଲ୍ ଆଇଆଇଡି ତିଆରି ଓ ପରୀକ୍ଷଣର ଷଡଯନ୍ତ୍ର ରଚିଥିଲେ। ଅବଦୁଲା ଫୌୟାଜ ଶେଖ୍ ଓ ତଲହା ଖାନ୍ ଭାବରେ ଚିହ୍ନଟ ହୋଇଛନ୍ତି। ଦୁହେଁ ମୁମ୍ବାଇ ଅନ୍ତର୍ଜାତୀୟ ବିମାନ ବନ୍ଦରର ଟର୍ମିନାଲ-୨ରେ ଇମିଗ୍ରେସନ୍ ବ୍ୟୁରୋ ଦ୍ୱାରା ଗିରଫ ହୋଇଛନ୍ତି। ଯେତେବେଳେ ସେମାନେ ଇଣ୍ଡୋନେସିଆର ଜାକାର୍ତ୍ତାକୁ ଫେରୁଥିଲେ ସେ ସମୟରେ ଇମିଗ୍ରେସନ୍ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ଅଦିନିଆ ବର୍ଷା ଘୋଷଣା ହେଲା
ରାଇଜର ସ୍ଥାୟୀ ବିପତ୍ତି
ଚଷୀ କୂଳର ଚିନ୍ତାଟା ଗଲା
ଧୋଇଯିବ ନାହିଁ ସମ୍ପତ୍ତି
ଆଉ ରହିବନି ଆପତ୍ତି
ସାହାରା ପାଇଲେ ଅନ୍ନଦାତା
ରାଇଜର ହେବ ପ୍ରଗତି !

## ଗଧ ମାଂସ, ଔଷଧ ପାଇଁ ପାକ୍ ଉପରେ ନିର୍ଭରଶୀଳ ଚୀନ୍



**ନୂଆଦିଲ୍ଲୀ ୧୭/୦୫**

ପାକିସ୍ତାନ ଓ ଚୀନ୍ ମଧ୍ୟରେ ଏକ ବଡ଼ 'ଗଧ ଅର୍ଥନୀତି'ର ପ୍ରସାର ହେଉଛି । ଚୀନ୍-ପାକିସ୍ତାନ ମଧ୍ୟରେ କେବଳ ଅସ୍ତ୍ର ଚୁକ୍ତି ହୁଏ ନାହିଁ । ଚୀନ୍ ପାକିସ୍ତାନକୁ ଅସ୍ତ୍ର ଦେଉଥିବାବେଳେ ପାକିସ୍ତାନ ଚୀନ୍ ଜନତାଙ୍କ କ୍ଷୁଧା ମେଣ୍ଟାଇବା ପାଇଁ ଗଧ ଯୋଗାଏ । ଚୀନ୍‌ରେ ଗଧଙ୍କ ସଂଖ୍ୟା ଦ୍ରୁତ କମିବାର କାରଣ ଚମଡ଼ା ବ୍ୟବସାୟର ଏଜେଣ୍ଟ ଆଫ୍ରିକା ଓ ବ୍ରାଜିଲରୁ ଚୀନ୍‌କୁ ଗଧ ଯୋଗାଉଥିଲେ । ଆଫ୍ରିକାର ସମସ୍ତ ଦେଶରେ ଗଧଙ୍କ ଚମଡ଼ା ପାଇଁ ସେମାନଙ୍କ ହତ୍ୟା ଉପରେ କଟକଣା ଲାଗୁ ହେଲା । ବ୍ରାଜିଲରେ ମଧ୍ୟ ଗଧଙ୍କ ହତ୍ୟା ଉପରେ ପ୍ରତିବନ୍ଧକ ଲାଗୁ ହୋଇଛି। ଏହି କାର୍ଯ୍ୟାନୁଷ୍ଠାନ ଯୋଗୁ ଚୀନ୍‌ର ଏକ ପାରମ୍ପରିକ ଔଷଧ ଉଦ୍ୟୋଗ ଏବେ ପାକିସ୍ତାନ ଗଧଙ୍କ ଉପରେ ନିର୍ଭରଶୀଳ। ଏହି କାରଣରୁ ପାକିସ୍ତାନ ସାହାଯ୍ୟରେ ଗଧଙ୍କ ଅଭାବ ପୂରଣ ପାଇଁ ଚୀନ୍ ନୂଆ ସମୀକରଣ କରିଛି ।

ପାକିସ୍ତାନ ଚୀନ୍‌କୁ ଉଭୟ ଗଧ ଓ ଗଧ ମାଂସ ରପ୍ତାନି କରୁଛି । ଚୀନ୍‌କୁ ଗଧ ମାଂସ ପଠାଇବା ପାଇଁ ପାକିସ୍ତାନ ଗ୍ୱାଦରରେ ଗଧ ଫାର୍ମ ଖୋଲିଛି । ଚୀନ୍‌ରେ ଲୋକେ ଅତି ଆନନ୍ଦରେ ଗଧ ମାଂସ ଖାଆନ୍ତି । ପାକିସ୍ତାନର ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ଏବଂ ଅନୁସନ୍ଧାନ ମନ୍ତ୍ରଣାଳୟର ଅଧିକାରୀମାନେ ଗତ ଫେବ୍ରୁୟାରୀରେ କହିଥିଲେ, ଗ୍ୱାଦରର କଂସେଇଖାନାରେ ଉତ୍ପାଦନ କାମ ଚାଲୁ *(ପୃଷ୍ଠା ୭ରେ)*

## ଆତଙ୍କବାଦ ବିରୋଧୀ ବାର୍ତ୍ତା ନେଇ ବିଦେଶ ଯିବେ ୭ ସାଂସଦ

**ନୂଆଦିଲ୍ଲୀ, ୧୭/୦୫**

ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ 'ଅପରେସନ୍ ସିନ୍ଦୂର' ପରେ କେନ୍ଦ୍ର ସରକାର ସମସ୍ତ ପ୍ରମୁଖ ସହଭାଗୀ ରାଷ୍ଟ୍ରକୁ ସର୍ବଦଳୀୟ ପ୍ରତିନିଧି ଦଳ ପଠାଇବେ। ଏହି ପ୍ରତିନିଧି ଦଳରେ ବିଭିନ୍ନ ରାଜନୈତିକ ଦଳର ସାଂସଦମାନେ ରହିବେ। ଏହି ଦଳକୁ ଭାରତର ଆନୁଷ୍ଠାନିକ ଆଭିମୁଖ୍ୟ "ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା" ବାର୍ତ୍ତା ଦେବା ଏବଂ ସରକାର ଏହି ପ୍ରସଙ୍ଗରେ ଏକ "ଜାତୀୟ ସହମତି" ସୃଷ୍ଟି କରିବ ବୋଲି ବିଶ୍ୱର ପ୍ରମୁଖ ଦେଶଗୁଡ଼ିକ ନିକଟରେ ଉପସ୍ଥାପନ କରିବାକୁ ଦାୟିତ୍ୱ ଦିଆଯାଇଛି।

ଏହି କୂଟନୈତିକ ଅଭିଯାନ ଏପ୍ରିଲ୍ ୨୨ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଆରମ୍ଭ ହୋଇଛି । ଯେଉଁଥିରେ ୨୬ ଜଣଙ୍କର ମୃତ୍ୟୁ ହୋଇଥିଲା। ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ 'ଅପରେସନ୍ ସିନ୍ଦୂର'ରେ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କଶ୍ମୀରରେ ଥିବା ଆତଙ୍କବାଦୀ ଭିତ୍ତିଭୂମି ଉପରେ ଆକ୍ରମଣ କରାଯାଇଥିଲା। ବିଦେଶ ଯିବାକୁ ଥିବା ପ୍ରତ୍ୟେକ ଦଳରେ ଛଅରୁ ସାତ ଜଣ ସାଂସଦ ରହିବେ ଏବଂ ସେମାନଙ୍କ ସହିତ ବରିଷ୍ଠ ଭାରତୀୟ କୂଟନୀତିଜ୍ଞ, ପୂର୍ବତନ ରାଷ୍ଟ୍ରଦୂତ ଏବଂ ବିଶେଷଜ୍ଞ ଆଞ୍ଚଳିକ ଜ୍ଞାନ ଥିବା ଅବସରପ୍ରାପ୍ତ ଅଧିକାରୀମାନେ ମଧ୍ୟ ରହିବେ।

କଂଗ୍ରେସ ସାଂସଦ ଶଶି ଥରୁରଙ୍କ ଅନ୍ତର୍ଭୁକ୍ତିକୁ ନେଇ ବିଜେପି ଏବଂ କଂଗ୍ରେସ ମଧ୍ୟରେ ବିତର୍କ ସୃଷ୍ଟି ହୋଇଛି।

ବିଜେପି ସାଂସଦ ତଥା ପୂର୍ବତନ କେନ୍ଦ୍ର ଆଇନ ମନ୍ତ୍ରୀ ରବି ଶଙ୍କର ପ୍ରସାଦ ଏବଂ ବିହାରର ପାଟନା *(ପୃଷ୍ଠା ୭ରେ)*





# ଖଣି ଖନନ ସର୍ଭେକୁ ନେଇ ତୀବ୍ର ଉତ୍ତେଜନା

## ସର୍ଭେ କର୍ମଚାରୀ ଦଳ-ଶ୍ରମିକଙ୍କୁ ବିଦା କରିଦେଲେ ଗ୍ରାମବାସୀ

**ଦାରିଙ୍ଗବାଡ଼ି, ନ୍ୟୁଜ୍‌ବ୍ୟୁରୋ**



କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଞ୍ଚାୟତ ବିଜାଲି ଗ୍ରାମରେ ଖଣି ଖନନ ପାଇଁ ଦୀର୍ଘ ଦିନ ହେଲା ସର୍ଭେ କାର୍ଯ୍ୟ ଚାଲିଛି । ଏହାକୁ ଅଞ୍ଚଳବାସୀ ବିରୋଧ କରିଆସୁଥିବା ବେଳେ ଜିଲ୍ଲାର ପ୍ରଶାସନିକ ଅଧିକାରୀମାନଙ୍କ ନିକଟରେ ଗ୍ରାମସଭାର ନିଷ୍ପତ୍ତି ଦାଖଲ କରିବା ସତ୍ତ୍ୱେ ପ୍ରଶାସନ ଗ୍ରାମବାସୀଙ୍କ ସହ କୌଣସି ଆଲୋଚନା ନ କରିବା ତଥା ପଦକ୍ଷେପ ନ ନେବାରୁ ଗ୍ରାଫାଇଟ ଖଣି ଖନନ ସର୍ଭେକୁ ବିରୋଧ କରି ବିଜାଲି ଗ୍ରାମର ଲୋକମାନେ ଉତ୍ତ୍ୟକ୍ତ ହୋଇ ଖଣି ସର୍ଭେକୁ ବିରୋଧ କରି ସର୍ଭେ କର୍ମଚାରୀ ଓ ଶ୍ରମିକମାନଙ୍କୁ ଗାଁରୁ ବିଦା କରିଦେଇଛନ୍ତି ।

ଆମର ଖଣି ଦରକାର ନାହିଁ, ଆମ ପାଇଁ ଜୀବନ ଓ ଜୀବିକା ମୂଲ୍ୟବାନ । ଏଠି ଖଣି ଖନନ ହେଲେ କେବଳ ବିଜାଲି ନୁହେଁ, ସାରା ହାତୀମୁଣ୍ଡା ପଞ୍ଚାୟତ ସମେତ ପଡ଼ୋଶୀ ତାଜୁଙ୍ଗୀ, ଗଦାପୁର ଓ ବହୁ ଅଞ୍ଚଳର ଲୋକେ ବିସ୍ଥାପିତ ହେବେ । ଆଦିବାସୀ ଲୋକମାନେ ସେମାନଙ୍କ ଭିଟାମାଟି ଓ ଜୀବନ-ଜୀବିକାରୁ ବିସ୍ଥାପିତ ହେଲେ, ଯେତେ କ୍ଷତିପୂରଣ ଦେଲେ ମଧ୍ୟ ସେମାନେ ବଞ୍ଚି ପାରିବେ ନାହିଁ । ତେଣୁ କୌଣସି ପରିସ୍ଥିତିରେ ଆମେ ଆମ ଗ୍ରାମରେ ଖଣି ଖନନ କରାଇ ଦେବୁନାହିଁ । ଭିଟାମାଟି ଓ ଜୀବନ-ଜୀବିକା ଧ୍ୱଂସ କରି ଖଣି ଖନନ ଯୋଜନା ଆମକୁ ମଞ୍ଜୁର ନାହିଁ ବୋଲି ଘୋଷଣା କରି ଉତ୍ତ୍ୟକ୍ତ ଗ୍ରାମବାସୀ ମେଳି ହୋଇ ପ୍ରତିବାଦ କରିଥିଲେ ଓ ସର୍ଭେ ଦଳକୁ ଗାଁରୁ ଫେରିଯିବାକୁ ବାଧ୍ୟ କରିଥିଲେ ।

ପ୍ରକାଶ ଯୋଗ୍ୟ, ଗତ କିଛିଦିନ ଧରି ହାତୀମୁଣ୍ଡା ପଞ୍ଚାୟତର ବିଜାଲି ଗ୍ରାମରେ ବ୍ରହ୍ମପୁର ଜିଓଲଜିକାଲ ସର୍ଭେ କାର୍ଯ୍ୟାଳୟ ପକ୍ଷରୁ ସେ ଅଞ୍ଚଳରେ ଗ୍ରାଫାଇଟ୍ ଥିବାରୁ ସର୍ଭେ କାମ ଚାଲୁ ରହିଛି । କିନ୍ତୁ ସେ ସମ୍ପର୍କରେ ବିଜାଲି ଗ୍ରାମବାସୀଙ୍କ ସହ କୌଣସି ପରାମର୍ଶ କରାଯାଇନଥିବା ଅଭିଯୋଗ କରି ଗ୍ରାମବାସୀଙ୍କ ମଧ୍ୟରେ ଖଣି ଖନନ ହେଲେ ବିସ୍ଥାପିତ ହେବାର ଆଶଙ୍କା ସୃଷ୍ଟି ହୋଇଛି, ଯାହା ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି ।

# ଜୁନାନୀ-ଫୁଲକୁସୁମ ରାସ୍ତା କାର୍ଯ୍ୟରେ ଅନିୟମିତତା

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ନିମ୍ନମାନର କାର୍ଯ୍ୟ ପାଇଁ ଫାଟିବାକୁ ବସିଲାଣି କଲଭର୍ଟ ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ୍ ଗ୍ରାମୀଣ ବିକାଶ କାର୍ଯ୍ୟାଳୟ ଅଧୀନରେ ଜୁନାନି ରେଙ୍ଗାଲ ବେଡା ଦେଇ କଲାପାଟ ରାସ୍ତା କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ନେଇ ବାରମ୍ବାର ଗ୍ରାମବାସୀ ଅଭିଯୋଗ କରି ଆସୁଛନ୍ତି । କାରଣ ଏହି ରାସ୍ତା ନିର୍ମାଣ ପାଇଁ ଜୁନାନି ଗ୍ରାମବାସୀଙ୍କୁ ଅନେକ ସଂଘର୍ଷ କରିବାକୁ ପଡିଥିଲା । ହେଲେ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭରୁ ଅନିୟମିତତା ହେଉଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିବା ବେଳେ ଅଧିକାରୀଙ୍କ ଖାମଖିଆଲି ନିତି ଏବଂ ଠିକାଦାର ସହିତ ମଧୁ ଚନ୍ଦ୍ରିକା ଏବେବି ସୁଧୁରି ନାହିଁ । ଫଳରେ ଏହି ରାସ୍ତାରେ ନିର୍ମାଣ ହେଉଥିବା ପ୍ରାୟ ୬ଟି କଲଭଟ ନିର୍ମାଣ କାର୍ଯ୍ୟ ପ୍ରାରମ୍ଭରୁ ଫାଟିବାକୁ ବସିଲାଣି । ଏପରିକି ଠିକାଦାର ପକ୍ଷରୁ 'ଶ୍ରୀ' ନାମକ ନିମ୍ନମାନର ସିମେଣ୍ଟ ବ୍ୟବହାର କରାଯାଉଛି, ଏବଂ କଂକ୍ରିଟ ପାଇଁ ଏହି ସିମେଣ୍ଟ ସହ ବ୍ୟବହାର କରାଯାଉଥିବା ବାଲି ମଧ୍ୟ ପଙ୍କ କାଦୁଅ ମିଶ୍ରିତ ବୋଲି ସାଧାରଣରେ ଅଭିଯୋଗ ହେଉଛି । ଏପରିକି କଂକ୍ରିଟରେ ଡଷ୍ଟ ବ୍ୟବହାର କରି ସିମେଣ୍ଟର ମାତ୍ରା କମାଇ କଂକ୍ରିଟ କାର୍ଯ୍ୟ କରାଯାଉଥିବା ନେଇ କିଛି ଅସନ୍ତୁଷ୍ଟ ଶ୍ରମିକ ପ୍ରକାଶ କରିଛନ୍ତି । ହେଲେ ଆଗକୁ ବର୍ଷାଋତୁ ଥିବା ବେଳେ ଅଧିକାରୀଙ୍କ ଖାମ ଖିଆଲି ନୀତି ଯୋଗୁଁ ସାଧାରଣ ଜନତାଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ ବୋଲି ଆଶଙ୍କା ସୃଷ୍ଟି କରିଛି । ସେହିପରି ଗ୍ରାମବାସୀଙ୍କ କହିବା ଅନୁଯାୟୀ ଠିକାଦାର ପକ୍ଷରୁ ନିର୍ମାଣ ହୋଇଥିବା ନୂତନ କଂକ୍ରିଟ କଲଭର୍ଟରେ ନିୟମିତ ପାଣି ସିଞ୍ଚନ ମଧ୍ୟ କରାଯାଉ ନାହିଁ । ଯାହା ଫଳରେ କଲଭର୍ଟର ସ୍ଥାୟୀତ୍ୱ ନେଇ ଏବେଠାରୁ ପ୍ରଶ୍ନବାଚୀ ସୃଷ୍ଟି ହେଇଛି । ଅନ୍ୟପକ୍ଷରେ ଜମନକିରା ଗ୍ରାମୀଣ ବିକାଶ କାର୍ଯ୍ୟାଳୟ ପକ୍ଷରୁ ତଦାରଖ ପାଇଁ ନିୟୋଜିତ ଥିବା ଯନ୍ତ୍ରୀ ନିଜ କର୍ତ୍ତବ୍ୟ ସମ୍ପାଦନା କରିବା ପରିବର୍ତ୍ତେ ଠିକାଦାରଙ୍କ ସହ ଭିତିରି ସଲାସୁତୁରା କରି ନିଜ ଫାଇଦା ଉଠାଉଥିବା ଅଭିଯୋଗ ହେଉଛି । ଏପରିକି ରାସ୍ତା ଏବଂ କଲଭର୍ଟ କାର୍ଯ୍ୟରେ ଅନିୟମିତତା କରି ବହୁ ମୋଟା ଅଙ୍କର ସରକାରୀ ଅର୍ଥ ବାଟମାରଣା କରୁଥିବା ଅଭିଯୋଗ ହେଉଛି । ସରକାରୀ ଅନୁଦାନ ଟଙ୍କାର ସଠିକ୍ ଉପଯୋଗ ନକରି ଠିକାଦାର ଏବଂ ଯନ୍ତ୍ରୀଙ୍କ ପକେଟ ଗରମ ହେଉଥିବା ବଜାର ଘାଟରେ ଚର୍ଚ୍ଚାର ବିଷୟ ପାଲଟିଛି । ଏ ସମ୍ପର୍କରେ ଜମନକିରା ଆରଡ଼ି ଅଧିକାରୀ ଅଶୋକ ଦାସଙ୍କ ସହ ଯୋଗାଯୋଗ କରିବାରେ ଏଭଳି ଦୁର୍ନୀତି ସମ୍ପର୍କିତ ଅଭିଯୋଗକୁ ଏଡ଼ାଇ ଯିବାପାଇଁ ନିଜ ବ୍ୟସ୍ତତା ସଫେଇ ଦେଖାଇଥିଲେ । ଏବେ ଏହି ନିମ୍ନମାନର କାର୍ଯ୍ୟ ଓ ଠିକାଦାର-ଯନ୍ତ୍ରୀ ମଧୁଚନ୍ଦ୍ରିକାରେ ଅର୍ଥ ଆତ୍ମସାତର ଅଭିଯୋଗକୁ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ କେଉଁ ଭଳି ଦୃଷ୍ଟିରେ ନେବ ଓ ଏହାର ସରଜମିନ୍ ତଦନ୍ତ କରିବ ତାକୁ ଦେଖିବାକୁ ଅପେକ୍ଷା ।

## ଛୁରାମାଡ଼ ଘଟଣାରେ ୪ ଅଭିଯୁକ୍ତ ଗିରଫ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ଖ୍ରୀଷ୍ଟିଆନପେଟା ଅଞ୍ଚଳର ସମୀର ଗୁନିଆକୁ ଛୁରାମାଡ ଘଟଣାରେ ଟାଉନ ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଅଭିଯୁକ୍ତମାନେ ହେଲେ ବିଜୁ ରାଜନଗର ଅଞ୍ଚଳର ଆଦିତ୍ୟ ଖୋସ୍ଲା, ଶିବ ନାୟକ, ଖ୍ରୀଷ୍ଟିଆନପେଟା ୪ର୍ଥ ଗଳିର ରିତେଶ ଗୌଡ ଓ ନୂଆସାହି ୫ମ ଗଳିର କବିର ଖରା । ଗତ ୧୧ ତାରିଖ ସନ୍ଧ୍ୟାରେ ସମୀର ଲକ୍ଷ୍ମୀଇନ୍ଦିରାପଣ୍ଡା ଛକ ନିକଟରେ ବସିଥିବା ସମୟରେ ୪ଜଣ ଦୁର୍ବୃତ୍ତ ଛୁରିରେ ଆକ୍ରମଣ କରିଥିଲେ । ସମୀରଙ୍କ ଅଣ୍ଟାରେ ଆଘାତ ଲାଗିଥିବା ବେଳେ ତାଙ୍କୁ ତୁରନ୍ତ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇ ଥିଲା । ଏନେଇ ଟାଉନଥାନାରେ ୧୮୯/୨୫ ରେ ଏକ ମାମଲା ରୁଜୁ ହୋଇଥିଲା । ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ କରୁଥିବା ବେଳେ ଉକ୍ତ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏହି ମାମଲାକୁ ଏସ ଆଇ ସିଦ୍ଧାର୍ଥ ବେହେରା ତଦନ୍ତ କରୁଛନ୍ତି ।

## ଘଟଗାଁରେ ଜେଏମଏଫସି କୋର୍ଟ ଉଦ୍‌ଘାଟିତ

**ଘଟଗାଁ, ନ୍ୟୁଜ୍‌ବ୍ୟୁରୋ**

ଆଞ୍ଚଳିକ ଲୋକ ନ୍ୟାୟ ଆଶାରେ ବହୁ ଦିନରୁ ଦାବି ଉଠାଇ ଆସୁଥିବା ଜେଏମଏଫସି କୋର୍ଟ ଘଟଗାଁରେ ଉଦ୍‌ଘାଟିତ ହୋଇଯାଇଛି । ଏହି କୋର୍ଟକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ । ଅବସରରେ ଜିଲ୍ଲା ସେସନ କୋର୍ଟର ଜର୍ଜ ଗୋପାଳ ଚନ୍ଦ୍ର ବେହେରା, କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଜିଲ୍ଲାପାଳ ବିଶାଳ ସିଂହ, ଜେଏମଏଫସି କୋର୍ଟ ଜର୍ଜ ଅବିନାଶ ନନ୍ଦ, ରେଜିଷ୍ଟ୍ରାର ସୁବ୍ରତା କ୍ରିପାଲିଣି, କୋର୍ଟ ମ୍ୟାନେଜର ଅଚ୍ୟୁତାନନ୍ଦ ସାମନ୍ତରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି ଅଖିଳ କୁମାର ପାତ୍ର, ପୁଲିସ ଏସଡିପିଓ ବିଜୟ କୃଷ୍ଣ ମହାପାତ୍ର, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ, ପୂର୍ବ ବିଭାଗ ନିର୍ବାହୀ ଯନ୍ତ୍ରୀ ହରେକୃଷ୍ଣ ପଣ୍ଡା, ଏବିଡ଼ିଓ ଚିତ୍ତ ରଞ୍ଜନ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଭାସ କୁମାର ଜେନା, ସହକାରୀ ଯନ୍ତ୍ରୀ ଭୋଳାନାଥ ମହାନ୍ତି, ଜନିଅର ଯନ୍ତ୍ରୀ ଜୟନ୍ତ ଜେନା, ଜିଲ୍ଲା ଆଇନଜୀବୀ ସଂଘ ସଭାପତି ଆଲୋକ କୁମାର ମହାନ୍ତ, ସମ୍ପାଦକ ଅକ୍ଷୟ କୁମାର ଜେନା, ସଦସ୍ୟ ପତିତପାବନ ନାଥ, ଦୁଷ୍ମନ୍ତ କୁମାର ପଲେଇ, ସୁଦାମ ଚରଣ ପଲେଇ, ସୁଧାଂଶୁ ଶେଖର ସାହୁ, ଶକ୍ତି ପ୍ରସାଦ ଶତପଥି, ବିଭୁତି ଭୂଷଣ ଚକ୍ର,ବିନୟ କୁମାର ପଲେଇ, ନିରୁପମା ନାୟକ, ମନୋଜ କୁମାର ସାହୁ, ଝାଡ଼େଶ୍ୱର ମହାନ୍ତ, ଅନାମ ମହାନ୍ତ, ଚିନ୍ମୟୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବେଆଇନ ଭାବେ ଜୋର ଜବରଦସ୍ତ ଗୋଚର ଜମିରୁ ହେଉଛି ମାଟି ଚୋରି

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ଅନ୍ତର୍ଗତ ଭୁସୁକା ଗ୍ରାମର କିଛି ଅସାମାଜିକ ବ୍ୟକ୍ତି ଅନ୍ୟ ଜଣେ ବ୍ୟକ୍ତିଙ୍କ ନିଜସ୍ୱ ଜମିରୁ ମାଟି ଖୋଳି ବିକ୍ରି କରିବା ଅଭିଯୋଗରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଜମିର ମାଲିକ । ଏଠାରେ ସୂଚନାଯୋଗ୍ୟ ରହଣିଆ ପଞ୍ଚାୟତ ଭୁସୁକା ଗ୍ରାମର ଅଭିରାମ ବରାଳଙ୍କ ବ୍ୟକ୍ତିଗତ ଜମି ଯାହାର ଖାତା ନମ୍ବର ୨୯୫ ପ୍ଲଟ ନମ୍ବର ୬୨୪କୁ ସଂଯୋଗ କରୁଥିବା ଯାତାୟତ ରାସ୍ତା, ଗୋଚର ଜମି ଯାହାର ଖାତା ନମ୍ବର ୩୪୧ ପ୍ଲଟ ନମ୍ବର ୬୨୮ରେ ଭୁସୁକା ଗ୍ରାମର ଯୋଗେନ୍ଦ୍ର ମହାନ୍ତି ଓ ବ୍ରଜକିଶୋର ରାଉତ ଜୋର ଜବରଦସ୍ତ ଜେସିବି ଓ ପାଞ୍ଚ ରୁ ଛଅ ଗୋଟି ଟ୍ରାକ୍ଟର ଯୋଗେ ଗଡ଼ିଆ ଖୋଳି ଟ୍ରିପ୍ ଟ୍ରିପ୍ ମାଟିଗୁଡିକୁ ବିଭିନ୍ନ ବ୍ୟକ୍ତିଙ୍କୁ ଟ୍ରାକ୍ଟର ପିଛା ୪ରୁ ୫ ଶହ ଟଙ୍କାରେ ବିକ୍ରି କରି ଦେଇଛନ୍ତି । ଯାହା ଫଳରେ ଯାତାୟାତ କରୁଥିବା ରାସ୍ତା ଗଡ଼ିଆରେ ପରିଣତି ହେବା ସହ ନିଜସ୍ୱ ଜମିରୁ ଅତଡ଼ା ଖସି ଯିବାର ଆଶଙ୍କା ଦେଖାଦେଇଛି । ଏଥିନେଇ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଛନ୍ତି ଅଭିରାମ ବରାଳ ଓ ତାଙ୍କ ନାତି ପରେଶ ବରାଳ । ରହଣିଆ ରାଜସ୍ୱ ନିରୀକ୍ଷକ ଓ ଭଣ୍ଡାରି ପୋଖରୀ ପୋଲିସର ବାରଣକୁ ମାନିନଥିଲେ ଅଭିଯୁକ୍ତମାନେ । ଏ ବାବଦରେ ଏକ ଲିଖିତ ଅଭିଯୋଗ ଭଣ୍ଡାରୀ ପୋଖରୀ ଥାନାରେ କରିଛନ୍ତି ଅଭିରାମ ବରାଳ । ଯାହାର କେଶ ନମ୍ବର ୨୩୯/୨୦୨୫ ଅଟେ । ତେବେ ଦେଖିବାକୁ ବାକି ରହିଲା କେବେ ନ୍ୟାୟ ମିଳୁଛି ଅଭିଯୋଗକାରୀ ଅଭିରାମଙ୍କୁ ।

## ଇନ୍ଦ୍ରାବତୀ କେନାଲ କାମରେ ଚାଲିଛି ପିଚୁ କାମ : ମାନକୁ ନେଇ ଉଠିଲା ପ୍ରଶ୍ନ

**ମୁଖୀଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଉପର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପର ମୁଖ୍ୟ କେନାଲ ଠାରୁ ଆରମ୍ଭ କରି ଡିଷ୍ଟ୍ରିବ୍ୟୁଟାରୀ କେନାଲ ଗୁଡିକର ସର୍ଭିସ ରୋଡ଼ରେ ବର୍ତ୍ତମାନ ପିଚୁ କାମ ହେଉଛି । ଉକ୍ତ କାମଗୁଡିକ ବିନା ସୂଚନା ଫଳକରେ ନିର୍ମାଣ କାର୍ଯ୍ୟ ସମ୍ପାଦନ ହେଉଥିବା ବେଳେ କେଉଁ ସଂସ୍ଥା କରୁଛି, କେତେ ଟଙ୍କାର କାମ, କ'ଣ କ'ଣ କାମ ରହିଛି ତାହା ଲୋକଙ୍କୁ ଜଣାପଡୁ ନାହିଁ । ତେବେ ଉକ୍ତ କାମ ଓଡିଶା ନିର୍ମାଣ କର୍ପୋରେସନ ବା ଓସିସି କରୁଛି ବୋଲି ଶୁଣିବାକୁ ମିଳୁଛି । ହେଲେ କେଉଁ ଅଧିକାରୀମାନେ କିପରି କାର୍ଯ୍ୟ ତଦାରଖ କରୁଛନ୍ତି ତାହାର କିଏ ଟେର ପାଇପାରୁ ନାହାନ୍ତି । କେବଳ କାଁ ଭାଁ କେଉଁ କେଉଁ ସ୍ଥାନରେ ସେମାନଙ୍କୁ ଦେଖିବାକୁ ମିଳୁଥିବା ବେଳେ ଅଧିକାଂଶ ସମୟରେ ଠିକାଦାର ମନମୁତାବକ କାମ କରୁଛି । ଏପରିସ୍ଥଳେ ତାଙ୍କ ସହ ଯୋଗାଯୋଗ ହେଉନାହିଁ କି କାର୍ଯ୍ୟ ବିଷୟରେ କିଛି ସୂଚନା ମିଳୁନାହିଁ । ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପର ଅନେକ କେନାଲ ଦୀର୍ଘ ଦିନରୁ ଶୋଚନୀୟ, କେବଳ କାଁ ଭାଁ କେଉଁଠି କେଉଁଠି ମରାମତି କାର୍ଯ୍ୟ ହେଉଛି । ଯାହାଫଳରେ ପାଣି ଛାଡିବାର ୨୦ ରୁ ୨୫ ଦିନ ବିଳମ୍ବରେ ତଳ ମୁଣ୍ଡକୁ ପାଣି ପହଞ୍ଚୁଛି । କିନ୍ତୁ, ଏ କାର୍ଯ୍ୟ ନକରି କେନାଲ ସର୍ଭିସ ରୋଡ଼ ନିର୍ମାଣ କାମ କାହା ଉଦ୍ଦେଶ୍ୟରେ ହେଉଛି ବୋଲି ଚାଷୀ ପ୍ରଶ୍ନ କରିଛନ୍ତି । ଅନ୍ୟପକ୍ଷରେ କାର୍ଯ୍ୟ ସମ୍ପାଦନ କିଛି ସମୟ ମଧ୍ୟରେ ରାସ୍ତାର ଅନେକ ସ୍ଥାନରେ ପିଚୁ ଉଠିଯିବା ସହ ରାସ୍ତା ନଷ୍ଟ ହେବାକୁ ବସିଲାଣି । ତେବେ ଏହି ରାସ୍ତାର ସ୍ଥାୟୀତ୍ୱକୁ ନେଇ ଉଠିଛି ପ୍ରଶ୍ନ । ରାଇଟ ମୁଖ୍ୟ କେନାଲ ୦ରୁ ୪୧ କି.ମି. କେବଳ କଂକ୍ରିଟକରଣ ହୋଇଛି ବାକି କେନାଲ ୨୫ ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ତାହାର ସର୍ଭିସ ରୋଡ଼ ଗୁଡିକର ମାଟି ହାଲୁକା ହୋଇ ରହିଛି । ଏପରିସ୍ଥଳେ ରାସ୍ତାର ମାଟିର ମାନକୁ କିପରି ପରୀକ୍ଷା କରି କେଉଁ ରିଧମରେ ରୋଲିଂ ସେଟ୍‌ଅପ୍ କରାଯାଇ ଭାର ବହନ କ୍ଷମତା କେତେ ରଖାଯାଇଛି ତାହା ମଧ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି । ସଂପୃକ୍ତ ଠିକାଦାର କେବଳ ଡବ୍ଲୁଏମଏମ ବିଛାଇ ଉପର ଉପର ରୋଲିଂ କରି ତା ଉପରେ ପିଚୁ କାମ କରୁଛନ୍ତି, ଯାହାଫଳରେ ଭିତର ମାଟି ଦବି ଯାଇ ରାସ୍ତା ନଷ୍ଟ ହେଉଛି ବୋଲି ଲୋକେ ଅଭିଯୋଗ କରିଛନ୍ତି ।

## ଦିଗଛିଆ-ବାଂଶଡ଼ା ରାସ୍ତାରେ ଧସିଲା ପାଚେରୀ : ସ୍ଥାୟିତ୍ୱକୁ ନେଇ ଉଠିଲା ପ୍ରଶ୍ନ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଦିଗଛିଆ-ବାଂଶଡ଼ା ରାସ୍ତା ନିର୍ମାଣରେ ଅନିୟମିତତା ହେଉଥିବା କଥା ବହୁବାର ବିଭିନ୍ନ ଛାପା ଗଣମାଧ୍ୟମରେ ଖବର ପ୍ରକାଶନ ପରେ ମଧ୍ୟ ଚେତୁନାହାଁନ୍ତି ପ୍ରଶାସନ । ଫଳରେ ସାଧାରଣ ଜନତାଙ୍କ ଝାଳବୁହା ଅର୍ଥ ଦିନକୁ ଦିନ ହରପ ହେବାରେ ଲାଗିଛି । ଏହାର ଏକ ଜଳନ୍ତ ଉଦାହରଣ ଦେଖିବାକୁ ମିଳିଛି ୩୪ କୋଟି ଟଙ୍କା ବିନିମୟରେ ହେଉଥିବା ଦିଗଛିଆ- ବାଂଶଡ଼ା ରାସ୍ତା କାର୍ଯ୍ୟରେ । ଏହି ରାସ୍ତା କାର୍ଯ୍ୟ ସଂପୃକ୍ତ ଠିକାଦାରଙ୍କ ଦ୍ୱାରା କରାଯାଉଥିବା ବେଳେ ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ବିଭାଗୀୟ ଅଧିକାରୀ କେବଳ ନୀରବଦ୍ରଷ୍ଟା ସାଜିଛନ୍ତି । ଗତ ବୁଧବାର ଦିନ ଏହି ନିମ୍ନ ମାନର ରାସ୍ତା କାର୍ଯ୍ୟକୁ ନେଇ ରାସ୍ତା ଏବଂ ଗୃହ ନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଏବଂ ଉପଖଣ୍ଡ ଅଧିକାରୀ ସଂପୃକ୍ତ ଠିକାଦାରଙ୍କୁ ନିଜ ମନମାନୀରେ କାର୍ଯ୍ୟ ବନ୍ଦ ରଖିବାକୁ ଚେତାବନୀ ଦେଇଥିବା ବେଳେ ସଂପୃକ୍ତ ଠିକାଦାର ବିଭାଗୀୟ ଅଧିକାରୀଙ୍କ କଥାକୁ ଫୁ କରି ଦେଇଥିଲେ । ପୁନଶ୍ଚ ଏହି ରାସ୍ତାରେ ନିର୍ମାଣ ହେଉଥିବା ଗାର୍ଡ ୱାଲ ଭୁଶୁଡ଼ି ପଡ଼ିଛି । କେଉଁ ପରିସ୍ଥିତିରେ ଏହି ଗାର୍ଡ ୱାଲ ଭୁଶୁଡ଼ିଗଲା ଏବଂ ଏହି କାମରେ ହେଉଥିବା ଅନିୟମିତତାର ପର୍ଦ୍ଦାଫାଶ ହୋଇଛି । ଏହି ବିଷୟରେ ସଂପୃକ୍ତ କନିଷ୍ଠଯନ୍ତ୍ରୀ ଚରଣ ସିଂଙ୍କୁ ପଚାରିବାରୁ ସେ ଏହାକୁ ଅତି ସରଳ ଭାବେ ଗ୍ରହଣ କରି କ'ଣ ହୋଇଛି ଦେଖିବା ବୋଲି କହି କଥାକୁ ଏଡ଼ାଇ ଯାଇଥିଲେ । ପରେ ସଂପୃକ୍ତ ଉପଖଣ୍ଡ ଅଧିକାରୀ ଦାୟିତ୍ୱରେ ଥିବା ମଧୁସ୍ମିତା ବାସ୍କେଙ୍କୁ ଏହି ବିଷୟରେ ଯୋଗା- ଯୋଗ କରିବାରୁ ସେ ଜଳେଶ୍ୱର ପୁର ଠାରେ ଧସିଯାଇଥିବା ଗାର୍ଡ ୱାଲ ବିଷୟରେ ଅବଗତ ନଥିବା କଥା କହିବା ସହ ସଂପୃକ୍ତ ଠିକାଦାର ଏହି ବିଷୟରେ କିଛି କହି ନଥିବା ମଧ୍ୟ କହିଥିଲେ । ଅନ୍ୟ ପକ୍ଷରେ ସଂପୃକ୍ତ ଠିକାଦାର ଏହି ଧସିଯାଇଥିବା ଗାର୍ଡ ୱାଲକୁ ଲୁଚାଇବାକୁ ଯାଇ ସେହି ଗାଡି ୱାଲ ଉପରେ ମାଟି ପକାଇ ନିଜର ନିମ୍ନ ମାନର କାର୍ଯ୍ୟକୁ ଲୁଚାଇବାକୁ ଚେଷ୍ଟା ଚଳାଇଥିଲେ । ତୁରନ୍ତ ଏହି ନିମ୍ନ ମାନର କାର୍ଯ୍ୟ ହେଉଥିବା ବେଳେ ସଂପୃକ୍ତ କନିଷ୍ଠଯନ୍ତ୍ରୀ କାହିଁକି ଏହି ସ୍ଥାନରେ କାର୍ଯ୍ୟ ତଦାରଖ କରୁ ନାହାନ୍ତି ଅଥବା ବିଭାଗୀୟ ଅଧିକାରୀ ଏହି କାର୍ଯ୍ୟର ସମୀକ୍ଷା କରୁନାହାନ୍ତି ତାହା ତଦନ୍ତ ସାପେକ୍ଷ ହୋଇଛି । ଅନ୍ୟ ପକ୍ଷରେ ଅଞ୍ଚଳବାସୀ ଏହି କାର୍ଯ୍ୟର ସମୀକ୍ଷା କେବଳ କାଗଜପତ୍ରରେ ଚାଲିଛି ବୋଲି ଅଭିଯୋଗ ଆଣିଛନ୍ତି । ତୁରନ୍ତ ସଂପୃକ୍ତ ଠିକାଦାରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି ।

## ଅଟିଜିମ୍‌ରେ ପୀଡ଼ିତ ଶିଶୁପୁତ୍ରର ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ମଣ୍ଡୁଆ ସ୍ଥିତ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ନିଜ ପୁଅର ଚିକିତ୍ସା ସହାୟତା ପାଇଁ ଗୁହାରି ଜଣାଇବାକୁ ଆସିଥିବା ଜଣେ ମହିଳାଙ୍କୁ ୨୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସୂଚନା ଅନୁସାରେ ଯମୁନାପଶି ଗ୍ରାମର ମାମିନା ନାୟକଙ୍କ ଚାରି ବର୍ଷର ପୁଅ କ୍ରିୟାନା ଚନ୍ଦ୍ର ନାୟକ ଜନ୍ମ ସମୟରେ କାନ୍ଦି ନ ଥିଲେ । ପରେ ବଡ ହେବା ସହ ତାଙ୍କର ସ୍ୱାଭାବିକ ଶାରୀରିକ ଓ ମାନସିକ ବିକାଶ ହୋଇ ପରି ନଥିଲା । ସେ ଅଟିଜିମ୍‌ରେ ପୀଡିତ ହୋଇଛନ୍ତି ବୋଲି ପରେ ଜଣା ପଡିଲା । ସେପଟେ କ୍ରିୟାନା ବାତ ରୋଗରେ ପୀଡିତ ହୋଇ ଦିନକୁ ଦିନ ଦୁର୍ବଳ ହୋଇ ପଡିଲେ । ପୁଅର ଏପରି ଅବସ୍ଥା ଦେଖି ମାମିନା ନାୟକଙ୍କୁ ତାଙ୍କ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ନାୟକ ବାପ ଘରକୁ ପଠାଇଦେଲେ । ଅର୍ଥ ଅଭାବରୁ ଆଉ ପୁଅର ଚିକିତ୍ସା କରାଇ ପାରିଲେ ନାହିଁ । ଶେଷରେ ସେ ମଣ୍ଡୁଆ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆସି ଗୁହାରି ଜଣାଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁହାରି ଶୁଣି କ୍ରିୟାନାର ଚିକିତ୍ସା ପାଇଁ ମମିନାଙ୍କୁ ମଣ୍ଡୁଆରେ ଥିବା ଅଭିଯୋଗ ପ୍ରକୋଷ୍ଠକୁ ଡକାଇ ତାଙ୍କୁ ୨୫ ହଜାର ଟଙ୍କାର ଚେକ ପ୍ରଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟ ଅଭିଯୋଗ ଅଧିକାରୀ ଇଂ ହିମାଂଶୁ ଶେଖର ସାହୁ ତାଙ୍କୁ ଏହି ଚେକ ହସ୍ତାନ୍ତର କରିଛନ୍ତି । ଏଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ମାମିନା ପୁଅକୁ ସୁସ୍ଥ କରିବା ପାଇଁ ତାଙ୍କୁ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଖରୁ ଆଶା ରଖିଛନ୍ତି । ଦିନେ ପୁଅ ଭଲ ହେବ ଓ ଚଲାବୁଲା କରି ତାଙ୍କ ସହାରା ହୋଇ ପାରିବ ବୋଲି ସେ ଆଶା ବାନ୍ଧି ବସିଛନ୍ତି ।

## ବିଜେଡିର ରାଜନୈତିକ ବ୍ୟାପାର କମିଟି ବୈଠକ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବିଜୁ ଜନତା ଦଳ ରାଜନୈତିକ ବ୍ୟାପାର କମିଟିର ବୈଠକ ଶନିବାର ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜାତୀୟ ସୁରକ୍ଷା, ରାଜ୍ୟ ରାଜନୈତିକ ପରିସ୍ଥିତି ଓ ଦଳର ସାଙ୍ଗଠନିକ ବ୍ୟାପାର ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହା ସହିତ ରାଜ୍ୟରେ ୨୦୧୫ରୁ ୨୦୨୪ ମଧ୍ୟରେ ବିଜୁ ଜନତା ଦଳ ସରକାର ସମୟରେ ଶିଳ୍ପ ବିକାଶ କ୍ଷେତ୍ରରେ ଘଟିଥିବା ଉଲ୍ଲେଖନୀୟ ସଫଳତା ପାଇଁ ବୈଠକରେ ସନ୍ତୋଷ ପ୍ରକାଶ କରାଯାଇ ଥିଲା । ବୈଠକରେ କେତେକ ପ୍ରସ୍ତାବ ଗୃହିତ କରାଯାଇଥିଲା ।

୨୨ ଅପ୍ରେଲ ୨୦୨୫ରେ ପହଲଗାମରେ ଆତଙ୍କବାଦୀଙ୍କ ଗୁଳିରେ ନିହତ ବ୍ୟକ୍ତିମାନଙ୍କ ଅମର ଆତ୍ମା ପ୍ରତି ବୈଠକରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ଏବଂ ସେମାନଙ୍କର ଶୋକସନ୍ତପ୍ତ ପରିବାର ମାନଙ୍କୁ ଗଭୀର ସମବେଦନା ଜ୍ଞାପନ କରାଯାଇଥିଲା । ଅପରେସନ ସିନ୍ଦୁରର ସଫଳତା ପାଇଁ ଭାରତୀୟ ସେନାବାହିନୀର ଅତୁଳନୀୟ ଦକ୍ଷତା, ସାହସ ଓ ପରାକ୍ରମର ଉଚ୍ଚ ପ୍ରଶଂସା କରା ଯାଇଥିଲା । ଦେଶର ସୁରକ୍ଷା ପାଇଁ ସେନା ବାହିନୀର ଶୌର୍ଯ୍ୟ ବିଶ୍ୱ ଦରବାରରେ ଭାରତକୁ ଗୌରବାନ୍ୱିତ କରିଛି । ବିଜୁ ଜନତା ଦଳ ଭାରତୀୟ ସେନା ପାଇଁ ଗର୍ବିତ । ରାଜ୍ୟର ରାଜନୈତିକ ପରିସ୍ଥିତି ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏଥିରେ ଜନସାଧାରଣ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ବିକାଶ କ୍ଷେତ୍ରରେ ବର୍ତ୍ତମାନ ସୃଷ୍ଟି ହୋଇଥିବା ସ୍ଥାଣୁତା ଦୂର କରି ଜନସାଧାରଣଙ୍କ ଆଶା ଆକାଂକ୍ଷା ପୂରଣ ଦିଗରେ ସରକାର ଯତ୍‌ବାନ ହେବେ ବୋଲି ବୈଠକରେ ଆଶା ବ୍ୟକ୍ତ କରା ଯାଇଥିଲା ।

## ଭଦ୍ରକ ସହରର ବିକାଶ ଓ ସୌନ୍ଦର୍ଯ୍ୟକରଣକୁ ନେଇ ବିଧାନସଭା ଏଷ୍ଟିମେଟ୍ କମିଟି ବୈଠକରେ ବିଧାୟକଙ୍କ ଗୁରୁତ୍ୱ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ସହରର ବିକାଶ ଓ ସୌନ୍ଦର୍ଯ୍ୟକରଣ ଉପରେ ସ୍ଥାନୀୟ ବିଧାୟକ ଗୁରୁତ୍ୱ ଦେଇଛନ୍ତି । ସହରର ମୁଖ୍ୟ ସମସ୍ୟା ମୁଖ୍ୟତଃ ୩ଟି ବୃହତ୍ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ଗତକାଲି ବିଧାନସଭା ପରିସରରେ କମିଟିର ଅଧକ୍ଷ ତଥା ବରିଷ୍ଠ ସଦସ୍ୟ ଜୟନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଧାନସଭା ଏଷ୍ଟିମେଟ୍ କମିଟି ବୈଠକରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଉପସ୍ଥାପନା କରିଥିଲେ । ଶ୍ରୀ ମହାପାତ୍ରଙ୍କ ଉପସ୍ଥାପନା କରିଥିବା ପ୍ରକଳ୍ପଗୁଡିକ ମଧ୍ୟରେ ନୂତନ ରିଙ୍ଗ ରୋଡ ନିର୍ମାଣ, ମହତାବ ଛକରୁ ଶନି ମନ୍ଦିର ପର୍ଯ୍ୟନ୍ତ ରାସ୍ତା ଓ ତାହାର ପ୍ରଶସ୍ତିକରଣ, ଚରମ୍ପା ଷ୍ଟେସନ ରୋଡ ଓ ଚରମ୍ପା ରୁ ସାବରଙ୍ଗ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ, ବ୍ରିଟିଶ ଅମଳର ଐତିହାସିକ ରାଜଘାଟ ବ୍ରିଜକୁ ହେରିଟେଜ୍ ଷ୍ଟ୍ରକଚର ଭାବରେ ପୁନଃନବୀକରଣ ନେଇ ବୈଠକରେ ଆଲୋଚନା ହୋଇଥିଲା । ଏହି ପ୍ରକଳ୍ପଗୁଡିକର ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ବିଧାୟକ ଶ୍ରୀ ମହାପାତ୍ରଙ୍କ ଠାରୁ ସୂଚନା ମିଳିଛି । ଏହି ବୈଠକରେ କମିଟିର ସମସ୍ତ ସଦସ୍ୟ ଓ ବିଭିନ୍ନ ବିଭାଗର ବରିଷ୍ଠ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଦୀର୍ଘଦିନରୁ ଭଦ୍ରକ ସହରରେ ମୁଖ୍ୟ ରାସ୍ତାଗୁଡିକର ପ୍ରଶସ୍ତିକରଣ ପାଇଁ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା । ରାସ୍ତା ପାର୍ଶ୍ୱସ୍ଥ ଉଠାଦୋକାନୀ, ଟ୍ରଲିରିକ୍ସା ଓ ଡ୍ରେନ୍‌ଗୁଡିକ ଉପରେ ନିର୍ମାଣ କରାଯାଇଥିବା ବେଆଇନ୍ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକୁ ଭାଙ୍ଗିଦିଆଯାଇଥିଲା । ତେବେ ଉଚ୍ଛେଦ ପରେ ସହରର ରାସ୍ତାଗୁଡିକ ଦୀର୍ଘଦିନ ହେବ ପ୍ରଶସ୍ତିକରଣ ନହେବା ଯୋଗୁଁ ସହରବାସୀ ଯଥା ପୂର୍ବଂ ତଥା ପରଂ ଅବସ୍ଥା ଦେଇ ଗତି କରୁଛନ୍ତି । ଉଚ୍ଛେଦ ହୋଇଥିବା ସ୍ଥାନଗୁଡିକ ଉପରେ ପୁଣିଥରେ ରାସ୍ତାକୁ ମାଡିଆସି ଉଠାଦୋକାନୀ ମାନେ ସେମାନଙ୍କର ପସରା ମେଲାଇସାରିଲେଣି । ଫଳରେ ଟ୍ରାଫିକ୍ ସମସ୍ୟା ପୂର୍ବଠାରୁ ଜଟିଳ ହୋଇପଡିଛି । ତେବେ ସହରର ଏହି ସମସ୍ୟା ଗୁଡିକର ଉନ୍ନତି କ୍ଷେତ୍ରରେ ବିଧାୟକ ଏଷ୍ଟିମେଟ୍ କମିଟିର ବୈଠକରେ ଗୁରୁତ୍ୱ ଦେଇ ଏହାର ତ୍ୱରିତ୍ୱ କାର୍ଯ୍ୟକାରିତା ଦିଗରେ ପଦକ୍ଷେପ ନେବା ଘଟଣାକୁ ସହରବାସୀ ସ୍ୱାଗତ କରିଛନ୍ତି ।

## ଖାଲି ହେବା ଦରକାର ଅତିରିକ୍ତ ସରକାରୀ ଜମି

**ପଟ୍ଟାମୁଣ୍ଡାଇ, ନ୍ୟୁଜ୍‌ବ୍ୟୁରୋ**

ସମ୍ପ୍ରତି ପଟ୍ଟାମୁଣ୍ଡାଇ ସହରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଅଫିସ୍ ରହିଛି । ଏସବୁ ସରକାରୀ କାର୍ଯ୍ୟାଳୟ ଶତାଧିକ ଏକର ସରକାରୀ ଜମି ଦଖଲ କରିଛନ୍ତି । ବହୁ ସରକାରୀ କାର୍ଯ୍ୟାଳୟ ଆବଶ୍ୟକତାଠାରୁ ଅଧିକ ଜାଗା ଜମି ନିଜ ଅକ୍ତିଆରରେ ରଖୁଥିବା ଅଭିଯୋଗ ହୋଇଛି । ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ ଆବଶ୍ୟକ ଅନୁପାତରେ ଜମି ନିଜ ଅଧୀନରେ ରଖି ଅନ୍ୟଗୁଡ଼ିକ ମୁକ୍ତ କରାଯିବାକୁ ସାଧାରଣରେ ଦାବି ହୋଇଛି । ସରକାରୀ ଜମି ମୁକ୍ତ ହେବା ସହିତ ସଂରକ୍ଷିତ କରାଯାଇ ବିଭିନ୍ନ କଲ୍ୟାଣମୂଳକ କାମରେ ଏହାକୁ ଲଗାଯାଇପାରିବ ବୋଲି ମତ ପ୍ରକାଶ ପାଇଛି ।

ପଟ୍ଟାମୁଣ୍ଡାଇ ସହରରେ ଜମି ମୂଲ୍ୟ ବଢ଼ି ଚାଲିଥିବାବେଳେ କେତେକ ସରକାରୀ କାର୍ଯ୍ୟାଳୟ ବିନା କାରଣରେ ବହୁମୂଲ୍ୟର ବଳକା ସରକାରୀ ଜାଗା ଜମିକୁ ଅବ୍ୟବହୃତ ଭାବେ ନିଜ କବଜାରେ ରଖୁଛନ୍ତି । ଯେପରିକି ପୂର୍ବରୁ ପୌର ପରିଷଦର କାର୍ଯ୍ୟାଳୟ ଥିବାବେଳେ ପଟ୍ଟାମୁଣ୍ଡାଇ ଆମ୍ବେଦକର ଛକ ନିକଟରେ ଥିବା ମୂଲ୍ୟବାନ ସରକାରୀ ଜାଗା ଉପରେ ପୌର ପରିଷଦ ନୂତନ କାର୍ଯ୍ୟାଳୟ ନିର୍ମାଣ କରିଛି । ଏହି ସରକାରୀ ଜମି ଅଦ୍ୟାବଧି ପୌର ପରିଷଦ ଓ ନାମରେ ରେକର୍ଡଭୁକ୍ତ ହୋଇନାହିଁ । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ସ୍ଥାପନ ହୋଇଥିବା ଜାଗା ଦୁଇଟି ପୁଟ ଗୃହ ବିଭାଗ ନାମରେ ରେକର୍ଡଭୁକ୍ତ ହୋଇଥିବାବେଳେ ଜଣେ ପୂର୍ବତନ ଥାନା ଅଧିକାରୀ ବାଇପାସ ନିକଟରେ ମୂଲ୍ୟବାନ ସରକାରୀ ଜାଗାରେ ନୂତନ ଥାନା ନିର୍ମାଣ ହେବ ବୋଲି କହି ରାସ୍ତା ପାର୍ଶ୍ୱରେ ଉଠା ଦୋକାନ କରି ବ୍ୟବସାୟ କରୁଥିବା ଶତାଧିକ ଗରିବ ଶ୍ରେଣୀର ଲୋକଙ୍କୁ ଥାନାରୁ ନୋଟିସ କରି ବ୍ୟବସାୟ ପ୍ରତିଷ୍ଠାନ ଭାଙ୍ଗି ଦେବା ଘଟଣା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା । ତେବେ ଜନସାଧାରଣଙ୍କ ବିରୋଧ ଫଳରେ ଏହି ସ୍ଥାନରେ ନୂତନ ଥାନା ନିର୍ମାଣ ଯୋଜନା ପଣ୍ଡ ହୋଇଥିଲା । ଏବେ ଏହି ଜାଗାକୁ ଗୃହ ବିଭାଗ ନିଜ ଅକ୍ତିଆରକୁ ନେବାକୁ ଉଦ୍ୟମ ଚଳାଇଥିବା ଜଣାପଡ଼ିଛି ।

ଜଳ ସମ୍ପଦ ବିଭାଗ ବହୁ ପରିମାଣରେ ସରକାରୀ ଜମି ଉପରେ ନିର୍ମାଣ କରାଯାଇଥିବାବେଳେ ଏହାର ଅଧିକାଂଶ ସ୍ଥାନରେ ବଣ ଜଙ୍ଗଲରେ ପୂରିରହିଛି । କେତେକ ତଳିଆ ଓ ଅସ୍ଥାୟୀ କର୍ମଚାରୀ ଏହାକୁ ଚାରଣ ଭୂମି ଭାବେ ବ୍ୟବହାର କରୁଥିବାବେଳେ ଗୋପାଳନ କରି ଦୁଗ୍ଧ ବ୍ୟବସାୟ କରୁଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ସହରର ମୂଲ୍ୟବାନ ଜମିକୁ ବିଭିନ୍ନ ସରକାରୀ ଅଫିସ୍ ଅନାବଶ୍ୟକ ଭାବେ ନିଜ ଅକ୍ତିଆରରେ ରଖୁଥିବାବେଳେ ମାଟିଆପାଳଠାରେ ଥିବା ଏକର ଏକର ମୂଲ୍ୟବାନ ସରକାରୀ ଜମି ଇଟା ମାଫିଆଙ୍କ କବଜାରେ ରହିଛି । ବର୍ଷ ସାରା ଏଠାରେ ସରକାରୀ ଜାଗାରୁ ମାଟି ଉଠାଣ କରାଯାଇ ନାଲି ଇଟା ଭାଟି ନିର୍ମାଣ ଚାଲିଛି । ବେଆଇନ ମାଟି ଉଠାଣ ହେବା ଫଳରେ ଗାଡ ସୃଷ୍ଟି ହେଲାଣି । ଏପରିକି ପୌର ପରିଷଦର ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ପାଚେରି ମୂଳରୁ ମାଟି ଉଠାଯାଇ ଖାଲ ସୃଷ୍ଟି ହେବାରୁ ପ୍ଲାଣ୍ଟ ପ୍ରତି ବିପଦ ସୃଷ୍ଟି ହୋଇଛି । ତେବେ ପଟ୍ଟାମୁଣ୍ଡାଇରେ ଥିବା ମୂଲ୍ୟବାନ ସରକାରୀ ଜମିର ସଦୁପଯୋଗ କରାଯିବା ନିତ୍ୟାନ୍ତ ଅପରିହାର୍ଯ୍ୟ ହୋଇପଡ଼ିଥିବା ସାଧାରଣରେ ମତ ପ୍ରକାଶ ପାଇଛି ।

## କିଆଫୁଲ ତୋଳାକୁ ନେଇ ସିନ୍ଦୂରାପଲ୍ଲୀରେ ବୁଲିଲା ଖଣ୍ଡା, କାତି

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

କିଆଫୁଲ ତୋଳାକୁ କେନ୍ଦ୍ର କରି ସିନ୍ଦୂରାପଲ୍ଲୀରେ ବୁଲିଲା ଖଣ୍ଡାକାତି । ଛତ୍ରପୁର ନିକଟସ୍ଥ ଚମାଖଣ୍ଡି ଥାନା ଅନ୍ତର୍ଗତ ସିନ୍ଦୂରାପଲ୍ଲୀ ଗ୍ରାମରେ ସାମାନ୍ୟ କିଆଫୁଲ ତୋଳାକୁ କେନ୍ଦ୍ର କରି ଶନିବାର ସକାଳେ ଗ୍ରାମର ଲୋକ ମାନଙ୍କ ମଧ୍ୟରେ ବଚସା ଗଣ୍ଡଗୋଳ ଘଟି ପ୍ରାୟ ଅଧଘଣ୍ଟା ଧରି ମାରଣାସ୍ତ୍ର କାତି ଖଣ୍ଡା ଗାଁରେ ବୁଲିଥିଲା । ଏଥିରେ ପ୍ରାୟ ତିନି ଜଣ ଗୁରୁତର ଆହତ ହେବାସହ ୨୦ ଜଣ ଆହତ ହୋଇଛନ୍ତି । ଆହତ ମାନଙ୍କୁ ଚିକିତ୍ସା ପାଇଁ ଛତ୍ରପୁର ଡାକ୍ତର ଖାନାରେ ଭର୍ତ୍ତି କରାଯାଇଛି । ଗାଁ ରେ ପୁଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି । ଗ୍ରାମରେ ଉତ୍ତେଜନା ଲାଗି ରହିଥିବାରୁ ପୁଲିସ ମୁତୟନ କରାଯାଇଛି ।

# ସମ୍ବଲପୁର ଚିପିଲିମା କୃଷି ମହାବିଦ୍ୟାଳୟରେ ନୂତନ ଅଡିଟୋରିୟମ ଉଦ୍‌ଘାଟିତ

## ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ କରିବା ସହ ଚାଷୀମାନଙ୍କ ଦକ୍ଷତା ବୃଦ୍ଧି କରିବାରେ ବେଶ୍ ସହାୟକ ହେବ : ଧର୍ମେନ୍ଦ୍ର ପ୍ରଧାନ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ସମ୍ବଲପୁର ସ୍ଥିତ ଓୟୁଏଟି ଚିପିଲିମା କୃଷି ମହାବିଦ୍ୟାଳୟରେ ଉଦ୍‌ଘାଟିତ ନୂତନ ଅତ୍ୟାଧୁନିକ ସଭାଗୃହ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ କରିବା ସହ ଚାଷୀମାନଙ୍କ ଦକ୍ଷତା ବୃଦ୍ଧି କରିବାରେ ବେଶ୍ ସହାୟକ ହେବ ବୋଲି ଉକ୍ତ ଅଡିଟୋରିୟମକୁ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ, ଓୟୁଏଟିର ଏହି ଚିପିଲିମା ଓୟୁଏଟି କ୍ୟାମ୍ପସ ହୀରା ସଦୃଶ ନୂଆ ନୂଆ ମେଧାବୀ ଛାତ୍ରୀଛାତ୍ରୀଙ୍କୁ ତିଆରି କରେ । ଏହି ଚିପିଲିମା କ୍ୟାମ୍ପସର ଭିତ୍ତିଭୂମିକୁ ଆହୁରି ଅଧିକ ମଜଭୂତ୍ କରିବା ପାଇଁ ରାଜ୍ୟ ସରକାର ଅତିରିକ୍ତ ୮୦ କୋଟି ଟଙ୍କା ଅନୁଦାନର ବ୍ୟବସ୍ଥା କରିଛନ୍ତି । ଏହି ଅର୍ଥ ହଷ୍ଟେଲ, ଏକାଡେମିକ ଏବଂ ପ୍ରଶାସନିକ ବ୍ଲକ ସହ ଛାତ୍ରଛାତ୍ରୀଙ୍କୁ ସୁବିଧା ହେବା ଭଳି ବିଭିନ୍ନ ଭିତ୍ତିଭୂମିର ବିକାଶ ଦିଗରେ ଖର୍ଚ୍ଚ କରାଯିବ । ଏହା ବ୍ୟତୀତ ପ୍ରାୟ ୧୦ କୋଟି ୫୦ ଲକ୍ଷ ଟଙ୍କା ନିବେଶରେ ଅଡିଟୋରିୟମର ଲୋକାର୍ପଣ ହୋଇଛି, ଯେଉଁ ସଭାଗୃହ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ କରିବା ସହ ସମ୍ବଲପୁର ସମେତ ଆଖପାଖ ଜିଲ୍ଲାର ଚାଷୀମାନଙ୍କ ଦକ୍ଷତା ବୃଦ୍ଧି କରିବାରେ ବେଶ୍ ସହାୟକ ହେବ । ଓୟୁଏଟି, ଚିପିଲିମା 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ସେତୁବନ୍ଧ ହେବ । ଏହି ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତଥା ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ସେ ଆହୁରି କହିଛନ୍ତି ଯେ, ସମ୍ବଲପୁର କୃଷି ହେଉଛି ଆଞ୍ଚଳିକ ଅର୍ଥନୀତିର ମେରୁଦଣ୍ଡ । କୃଷି ହିଁ ଏଠାକାର ସାଂସ୍କୃତିକ ଓ ସାମାଜିକ ଏକତାର ମୂଳ ଉପାଦାନ । ଚାଷ ଓ ଚାଷୀଙ୍କୁ ଅଧିକରୁ ଅଧିକ ସଶକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ପ୍ରାଥମିକତାରେ ରହିଛି । ଆଗାମୀ ଦିନରେ ସମ୍ବଲପୁର କୃଷି ମହାବିଦ୍ୟାଳୟରେ ଚାଷରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ନେଇ ନୂଆ ପାଠ୍ୟକ୍ରମ ପ୍ରସ୍ତୁତ କରିବା ପାଇଁ ଯୋଜନା ହେବ । ଚାଷୀମାନଙ୍କୁ ପ୍ରଶିକ୍ଷଣ, ଧାନଚାଷ ସମେତ ଅନ୍ୟାନ୍ୟ ଫସଲ ସାମଗ୍ରୀ ଉତ୍ପାଦନ ବୃଦ୍ଧି କରିବା, ଫସଲର କ୍ଷୟକ୍ଷତିକୁ ହ୍ରାସ କରିବା ତଥା ସମ୍ବଲପୁର ଜିଲ୍ଲାରେ କୃଷିଭିତ୍ତିକ ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ ଆମ ସରକାରଙ୍କ ପକ୍ଷରୁ ଯୋଜନା କରାଯିବ । ଏଠାରେ କୃଷିର ବିଭିନ୍ନ କ୍ଷେତ୍ରରେ ନୂଆ ବିଭାଗ ଖୋଲିବା ପାଇଁ ଉଦ୍ୟମ ହେବ ।

ଡବଲ ଇଞ୍ଜିନ ସରକାରରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମଏସପି ବାବଦ ଚାଷୀମାନଙ୍କୁ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରାଯାଉଛି । ଖରିଫ ଋତୁରେ ପ୍ରାୟ ୭୦ ଲକ୍ଷରୁ ଅଧିକ କୁଇଣ୍ଟାଲ ଧାନ ରାଜ୍ୟ ସରକାର କ୍ରୟ କରିଛନ୍ତି । ରବି ଋତୁରେ ମଧ୍ୟ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇସାରିଛି । ଚାଷୀମାନଙ୍କ ପାଇଁ ଏତେ ଦାୟିତ୍ୱ କେଉଁ ସରକାର ନେଇନଥିଲେ । ଡବଲ ଇଞ୍ଜିନ ସରକାରରେ ଏଠାରେ ଧାନ ମଣ୍ଡିକୁ ସୁବ୍ୟବସ୍ଥା କରାଯିବ । ଭାରତ ସରକାରଙ୍କ ସହଯୋଗରେ ଏହି ଅଞ୍ଚଳରେ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ମତ୍ସ୍ୟ ପ୍ରକ୍ରିୟାକରଣ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯିବ । ଏଠାରେ ଓମଫେଡରୁ କେବଳ ଖୀର ନୁହେଁ ବରଂ ଖୀର ପାଉଡର ଓ ଚକୋଲେଟ ଭଳି ଅନ୍ୟ ଉତ୍ପାଦିତ ଜିନିଷ ତିଆରି କରାଯିବ । କୁଚିଣ୍ଡାର ଲଙ୍କା, ସମ୍ବଲପୁରର ଧାନ, ଡାଲିଜାତୀୟ ଦ୍ରବ୍ୟ, ପନିପରିବା ଓ ଦୁଗ୍ଧ ଏବଂ ପଶୁପାଳନ ଚାଷର ଯେଉଁ ସମ୍ଭାବନା ଅଛି, ସେହି ସମ୍ଭାବନାକୁ ଉପଯୋଗ କରିବା ପାଇଁ ପ୍ରୟାସ ହେବ । ଆମ ଅଞ୍ଚଳରୁ ସ୍ଥାନୀୟ ଫସଲ ସାମଗ୍ରୀକୁ ବିଶ୍ୱ ବଜାରକୁ ପଠାଇବା ପାଇଁ ଯୋଜନା କରିବା ଦିଗରେ ଶ୍ରୀ ପ୍ରଧାନ ଆଲୋକପାତ କରିଥିଲେ ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସହ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଏବଂ ଓଡ଼ିଶାର ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଘୋର ସଂକଟରେ ପାକ୍ ଅର୍ଥନୀତି

ଭାରତ ସହ ଯୁଦ୍ଧ ମଧ୍ୟରେ ପାକିସ୍ତାନର ସମସ୍ୟା ବଢ଼ିଚାଲିଛି । ପାଖରେ ସମ୍ବଳ ନାହିଁ । ଖାଦ୍ୟ ତଥା ଅର୍ଥନୀତିକୁ ଚଳାଇବା ପାଇଁ ଆଇଏମ୍ଏଫ୍‌ଠାରୁ ଭିକ୍ଷା ମାଗିଚାଲିଛି ପାକ୍ । ବର୍ତ୍ତମାନ ଏ ଦିଗରେ ହୁଏତ୍ ପାକିସ୍ତାନକୁ ମିଳିପାରେ ଆଉ ଏକ ବଡ଼ ଝଟ୍‌କା। ପହଲ୍‌ଗାମ ଆତଙ୍କବାଦ ଆକ୍ରମଣର ପ୍ରତିଶୋଧ କ୍ରମେ ମେ’ ୭ରୁ ଭାରତ ପକ୍ଷରୁ ଆରମ୍ଭ ‘ଅପରେଶନ ସିନ୍ଦୂର’ର ଭୟରୁ ବାହାରି ନ ଥିବା ପାକ୍ ପାଇଁ ଆରମ୍ଭ ହୋଇଛି ଆଉ ଏକ ନିର୍ଣ୍ଣାୟକ ଦିନ । ଯଦି ପାକିସ୍ତାନ ଏଥିରେ ହାରିଯାଏ ତେବେ ପାକ୍ ଅର୍ଥବ୍ୟବସ୍ଥାର ଅଣ୍ଟା ଭାଙ୍ଗିଯିବା ଥୟ । ଏହା ‘ଅପରେଶନ ସିନ୍ଦୂର’ଠାରୁ ବି ବଡ଼ ଝଟ୍‌କା ସାବ୍ୟସ୍ତ ହେବ । ଏହା ଆର୍ଥିକ ସଂକଟରେ ଗତି କରୁଥିବା ପ୍ରତ୍ୟକ ପାକିସ୍ତାନୀ ଏବଂ ଦେଶର ଅର୍ଥବ୍ୟବସ୍ଥା ଉପରେ ପଡ଼ିବା ସୁନିଶ୍ଚିତ। ଭୋକରେ ଉହଳ ବିକଳ ଅବସ୍ଥାରେ ଥିବା ପାକିସ୍ତାନ ପାଇଁ ଶେଷ ଭରସା ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) । ଆର୍ଥିକ ସଂକଟରେ ଫସିଥିବା ଅର୍ଥନୀତି ପାଇଁ ବର୍ତ୍ତମାନ ଆଇଏମ୍ଏଫ୍ ଋଣ ଅର୍ଥାତ୍ ବେଲ୍‌ଆଉଟ୍ ପ୍ୟାକେଜ୍ ନେବା ଜିଇଁବା ମରିବା ସହ ସମାନ । ଏପଟେ ଭାରତ ସହ ବିବାଦ ଯୋଗୁ ଏହାର ସମସ୍ୟା ଆହୁରି ବଢ଼ିଯାଇଛି । ଆଇଏମ୍ଏଫ୍‌ରେ ପାକିସ୍ତାନର ଏକ୍ସଟେଣ୍ଡେଡ୍ ଫଣ୍ଡ ଫ୍ୟାସିଲିଟି (ଇଏଫ୍ଏଫ୍)ର ସମୀକ୍ଷା କରିବ। ଏହା ପରେ ସ୍ଥିର ହେବ ଯେ, ପାକିସ୍ତାନକୁ ୧.୩ ବିଲିୟନ ଡଲାର ବା ପ୍ରାୟ ୧୧୦୦୦ କୋଟି ଟଙ୍କାର ଋଣ ଦିଆଯିବ ଅବା ନୁହେଁ । ପାକିସ୍ତାନକୁ ଆଇଏମ୍ଏଫ୍‌ଠାରୁ ମିଳିବାକୁ ଥିବା ଋଣକୁ ନେଇ ଭାରତ ନିଜର ବିରୋଧ ଜଣାଇଛି । ଏ ଋଣ ଉପରେ ସମୀକ୍ଷା କରିବା ପାଇଁ ଏହା ଆଇଏମ୍ଏଫ୍ ପାଖରେ ଅନୁରୋଧ କରିଛି। ଏହା ଉପରେ ଆପତ୍ତି ଦର୍ଶାଇ ଭାରତ କହିଛି ଯେ, ପାକିସ୍ତାନ ଏହି ଋଣରାଶିର ବ୍ୟବହାର ନିଜର ଅଭିବୃଦ୍ଧି ପାଇଁ ନୁହେଁ ବରଂ ଲଶ୍କର-ଏ-ତୋଇବା ଏବଂ ଜୈଶ-ଏ-ମହମ୍ମଦ ଭଳି ଆତଙ୍କବାଦୀ ସଂଗଠନଗୁଡ଼ିକୁ ସାହାଯ୍ୟ କରିବାରେ ଖର୍ଚ୍ଚ କରିବ। ଏହାର ସିଧାସଳଖ ପ୍ରଭାବ ଭାରତ ଉପରେ ବି ପଡୁଛି । ଏଭଳି କୌଣସି ପ୍ରକାର ଫଣ୍ଡିଂକୁ ମଞ୍ଜୁରି ଦିଆ ନ ଯାଉ ବୋଲି ଭାରତ ଅନୁରୋଧ କରିଛି। ଏହା ପୂର୍ବରୁ ବି ଆଇଏମ୍ଏଫ୍ ଅର୍ଥନୈତିକ ସ୍ଥିରତା ପାଇଁ ପାକିସ୍ତାନକୁ ଏଭଳି ଆର୍ଥିକ ପ୍ୟାକେଜ୍ ଦେଇଛି । ହେବାକୁ ଥିବା ସମୀକ୍ଷା ବୈଠକରେ ଦେଖାଯିବ ଯେ, ଆଗାମୀ କିସ୍ତି ପାଇବା ପାଇଁ ଆବଶ୍ୟକ ମାନକଗୁଡ଼ିକରେ ପାକିସ୍ତାନ ସୁଧାର ଆଣିଛି ଅବା ନୁହେଁ। ୨୦୨୩ରେ ଆଇଏମ୍ଏଫ୍ ପାକିସ୍ତାନକୁ ୭୦୦ କୋଟି ଡଲାର ବା ୬୦ ହଜାର କୋଟି ଟଙ୍କାର ଆର୍ଥିକ ପ୍ୟାକେଜ୍ ପ୍ରଦାନ କରିଥିଲା। ଏହାପରେ ୨୦୨୪ ମାର୍ଚ୍ଚରେ ଜଳବାୟୁ ସମର୍ଥନ ପାଇଁ ଆଉ ୧୧,୦୦୦ କୋଟି ଟଙ୍କା ଦିଆଯାଇଥିଲା। ଏହି ଅର୍ଥରାଶି ଏଭଳି ଦେଶଗୁଡ଼ିକ ପାଇଁ ମହତ୍ତ୍ୱପୂର୍ଣ୍ଣ ଗଣନା କରାଯାଇଥାଏ, ଯାହାର ଅର୍ଥବ୍ୟବସ୍ଥା ୩୫୦୦୦ କୋଟି ଡଲାରରୁ ଅଧିକ। ଭାରତର ବିରୋଧ ପରେ ଯଦି ପାକିସ୍ତାନକୁ ଆର୍ଥିକ ପ୍ୟାକେଜ୍ ମିଳେ ନାହିଁ ତେବେ ଏହା ଭୟଙ୍କର ଆର୍ଥିକ ସଂକଟ ମଧ୍ୟରେ ଫସିଯିବ। ଏବେ ଏହାକୁ ନିଜର ଜରୁରୀ ଖର୍ଚ୍ଚ ପାଇଁ ସହାୟତାର ଢେର ଆବଶ୍ୟକତା ରହିଛି। ମୁଦ୍ରାସ୍ଫୀତି ଏବଂ ଖାଦ୍ୟ ସଂକଟ ମଧ୍ୟରେ ଫସିଥିବା ପାକିସ୍ତାନକୁ ନିଜର ମୋଟା ଋଣର ସୁଧ ମଧ୍ୟ ପରିଶୋଧ କରିବାକୁ ପଡ଼ିବ ଏବଂ ଏଥିପାଇଁ ଟଙ୍କା ଦରକାର । ଯଦି ଏହାକୁ ଆଇଏମ୍ଏଫ୍‌ରୁ ସହାୟତା ନ ମିଳେ ତେବେ ଏହା ଋଣ ଖିଲାପ କରିବାକୁ ବାଧ୍ୟ ହେବ । ଖାଲି ସେତିକି ନୁହେଁ, ପାକିସ୍ତାନକୁ ଭାରତ ସହ ସୈନ୍ୟ ସଂଘର୍ଷ ପାଇଁ ବି ଟଙ୍କା ଲୋଡ଼ା ଏବଂ ଏହାର ଖାଲି ଭଣ୍ଡାର ପାଇଁ ବର୍ତ୍ତମାନ ଆଇଏମ୍ଏଫ୍ ଋଣ ହିଁ ଭରସା ।

# ଧର୍ମ, ସତ୍ୟ ଓ ଦୃଷ୍ଟିକୋଣ ଚକ୍ରରେ ମନୁଷ୍ୟ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ସମ୍ପାଦକ - ଭଗବତୀ ସାହିତ୍ୟ ସଂସଦ
ମୋ-୯୯୩୮୯୦୬୦୭୦

ଆମମାନଙ୍କ ମନରେ ଏକ ପ୍ରଶ୍ନ ଉଠେ ଯେ ଧର୍ମ କଣ ? ଏହାର ସଂଜ୍ଞା କଣ ? ଉତ୍ତର ହେଉଛି ଧର୍ମ ଏକ ନିର୍ଦ୍ଦିଷ୍ଟ ଆଚରଣ ଏବଂ ଅଭ୍ୟାସ, ବିଶ୍ୱ ଦୃଷ୍ଟିକୋଣ, ଦିବ୍ୟଗ୍ରନ୍ଥ, ତୀର୍ଥ, ଭବିଷ୍ୟବାଣୀ, ନୈତିକତା ଇତ୍ୟାଦି ଯାହା ମାନବକୁ ଆଲୌକିକ, ଅଧ୍ୟାୟନିକ କିମ୍ବା ଆଧ୍ୟାତ୍ମିକ ଉପାଦାନ ସହିତ ଜଡ଼ିତ କରୁଥିବା ସାମାଜିକ-ସାଂସ୍କୃତିକ ବ୍ୟବସ୍ଥା । ତେବେ ସ୍ୱଷ୍ଟ ଭାବରେ ଧର୍ମର ସଜ୍ଞା ଉପରେ ଏପର୍ଯ୍ୟନ୍ତ କୌଣସି ଅଧ୍ୟୟନପ୍ରସୂତ ସହମତି ନାହିଁ । ତେବେ ଏହାର ସଂକ୍ଷିପ୍ତ ଉତ୍ତର ହେଉଛି, ଉତ୍ତମକର୍ମ ଆଚରଣ କରିବା ହିଁ ଧର୍ମ । ତଦ୍ୱାରା ମନୁଷ୍ୟର ଉନ୍ନତି ସାଧିତ ହୋଇଥାଏ। ଧର୍ମଦ୍ୱାରା ହିଁ ମନୁଷ୍ୟ ସମାଜର ଧାରଣ ଅବା ରକ୍ଷଣାବେକ୍ଷଣ କରିବାରେ ସମର୍ଥ ହୋଇଥାଏ । ଧର୍ମାଚରଣ ଦ୍ୱାରା ପ୍ରକୃତ ସୁଖ-ଶାନ୍ତି ମିଳିଥାଏ । ତେବେ ପ୍ରାଚୀନ ମୁନିଋଷିଗଣ ଧର୍ମ ଶବ୍ଦର ଅର୍ଥ ଅଲଗା ଅର୍ଥରେ କହିଛନ୍ତି ଯେ ସମସ୍ତଙ୍କ ପକ୍ଷରେ ଯାହା ହେଉଛି ଧାରଣ ଯୋଗ୍ୟ, କିମ୍ବା ଯଦ୍ୱାରା ସମସ୍ତଙ୍କ ପ୍ରକୃତ ଉନ୍ନତି ହୁଏ, ଏବଂ ଯାହା ପ୍ରେମପୂର୍ବକ ସମସ୍ତଙ୍କୁ ମିଳିତ କରାଏ, ତାହାହିଁ ହେଉଛି ଧର୍ମ । ଯେଉଁ ନୀତିନିୟମ ବା ବିଷୟବସ୍ତୁ ସମାଜର କ୍ଷତି କରେ, ଯଦ୍ୱାରା ମଣିଷମଣିଷ ଭିତରେ ଶତ୍ରୁତା, ମନୋମାଳିନ୍ୟ ବା ତିକ୍ତତା ବୃଦ୍ଧିପାଏ, ତା କଦାପି ଧର୍ମ ହୋଇ ନ ପାରେ। ସମଗ୍ର ସଂସାରର ଉନ୍ନତି ଓ ନିଃଶ୍ରେୟ ସିଦ୍ଧିଃ ସର୍ବଦା ଏକ ରସରେ ବିଦ୍ୟମାନ ଆନନ୍ଦ ବା ମୋକ୍ଷ ମିଳେ ତାହା ପ୍ରକୃତରେ ଧର୍ମ । ତେଣୁ ଯାହାଦ୍ୱାରା ସମଗ୍ର ସଂସାରର ଉନ୍ନତି ହୋଇଥାଏ, ପ୍ରକୃତ ଆନନ୍ଦ ଓ ଶାନ୍ତି ମିଳେ, ତାକୁ ଧର୍ମ ବୋଲି କୁହାଯାଏ । ଆମ ଜୀବନର ଯାବତୀୟ କାର୍ଯ୍ୟକଳାପ ସହିତ ଧର୍ମର ନିବିଡ଼ ସଂପର୍କ ରହିଛି । ଶରୀର, ମନ, ଆତ୍ମା, ସମାଜ, ଦେଶ ଓ ଜଗତର ଉନ୍ନତି ସକାଶେ ଯେଉଁ ସବୁ ଉପାୟମାନ ରହିଛି ସେଗୁଡ଼ିକୁ ଧର୍ମ ବୋଲି କହନ୍ତି । ଦୁନିଆଁରେ ସତ୍ୟଠାରୁ ବଳି ଶ୍ରେଷ୍ଠ ଧର୍ମ, ମିଥ୍ୟାଠାରୁ ବଳି ମହାପାପ ଅନ୍ୟ କିଛି ନାହିଁ । ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର, ସତ୍ୟବାଦୀ ରାଜାହରିଶ୍ଚନ୍ଦ୍ର, ମହର୍ଷି ଦୟାନନ୍ଦ ସରସ୍ୱତୀ, ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ, ମହାତ୍ମାଗାନ୍ଧୀ ପ୍ରଭୃତି ମହାତ୍ମା ମହାପୁରୁଷମାନେ କେବଳ ସତ୍ୟ ଯୋଗୁ ହିଁ ଆଜି ସମଗ୍ର ସଂସାରରେ ପ୍ରସିଦ୍ଧି ଲାଭ କରିଛନ୍ତି । ସେମାନଙ୍କପରି ସତ୍ୟବାଦୀ ହେବାପାଇଁ ଦୃଢ଼ସଙ୍କଳ୍ପ କରିବା ଉଚିତ ।

ସାଧାରଣ ଭାବରେ କହିବାକୁ ଗଲେ ଧର୍ମ ହେଉଛି ଚାରି ପ୍ରକାରର। ପ୍ରଥମରେ ବ୍ୟକ୍ତିଗତ ଧର୍ମ, ଦ୍ୱିତୀୟରେ ପାରିବାରିକ ଧର୍ମ, ତୃତୀୟରେ ସାମାଜିକ ଧର୍ମ ଓ ଚତୁର୍ଥରେ ରାଷ୍ଟ୍ରୀୟ ଧର୍ମ। ଯେଉଁ ଧର୍ମକୁ ପାଳନ କରିବା ଦ୍ୱାରା କେବଳ ନିଜର ଉନ୍ନତି ହୁଏ, ତାକୁ ବ୍ୟକ୍ତିଗତ ଧର୍ମ କହନ୍ତି । ପିତା-ମାତା, ପତ୍ନୀ-ପୁତ୍ର, ଭାଇ-ଭଉଣୀ, ଏବଂ ପରିବାରର ଅନ୍ୟମାନଙ୍କ ସହିତ ଧର୍ମର ଯେଉଁ ସଂପର୍କ ରହିଛି ପରସ୍ପର ପରସ୍ପର ପ୍ରତି ଯେଉଁ କର୍ତ୍ତବ୍ୟ ଅଛି ତାକୁ ପାରିବାରିକ ଧର୍ମ କହନ୍ତି । କୌଣସି ବ୍ୟକ୍ତି କେବେ ହେଲେ ଏକୁଟିଆ ରହିବାପାଇଁ ଭଲପାଏ ନାହିଁ । ସାରାଜୀବନ ଏକାକୀ ରହୁଥିବା ବ୍ୟକ୍ତି ସକଳ ପ୍ରକାର ଉନ୍ନତି କରିପାରେ ନାହିଁ। ତେଣୁ ସମାଜରେ ରହିବାପାଇଁ ସମସ୍ତେ ଚାହିଁଥାନ୍ତି, କାରଣ ସମାଜଦ୍ୱାରା ସମସ୍ତଙ୍କର ଲାଭ ହୋଇଥାଏ । ଯେଉଁ ସମାଜରେ ମନୁଷ୍ୟ ବସବାସ କରୁଛି, ସେ ସମାଜପ୍ରତି ମଧ୍ୟ ତାର ଅନେକ କିଛି କର୍ତ୍ତବ୍ୟ ରହିଛି। ସେହି କର୍ତ୍ତବ୍ୟକୁ ସାମାଜିକ ଧର୍ମ କହନ୍ତି। ଯେଉଁ ଦେଶରେ ଆମେ ଜନ୍ମଗ୍ରହଣ କରିଛୁ, ଯାହାର ପାଣି ପବନରେ ଆମ ଶରୀର ଗଠିତ ଓ ବର୍ଦ୍ଧିତ, ସେ ଦେଶପାଇଁ ମଧ୍ୟ ଆମର କେତେକ ଅପରିହାର୍ଯ୍ୟ କର୍ତ୍ତବ୍ୟ ରହିଛି । ସେହି କର୍ତ୍ତବ୍ୟକୁ ରାଷ୍ଟ୍ରୀୟ ଧର୍ମ କହନ୍ତି । ରାଷ୍ଟ୍ରର ଉନ୍ନତିପାଇଁ ପ୍ରତ୍ୟେକ ବ୍ୟକ୍ତି ଚିନ୍ତାକରିବା ଓ ତାପାଇଁ କାର୍ଯ୍ୟକରିବା ସର୍ବାଦୌ ଆବଶ୍ୟକ ।

ଅନ୍ୟ ଅର୍ଥରେ କହିବାକୁ ଗଲେ ଧର୍ମ ଏକ ନୀତି ଓ ଆଚରଣ ଧାରା ଯାହା ଆଧ୍ୟାତ୍ମିକ ଓ ଆଦି ଭୌତିକ ଅନୁଭୂତିକୁ ପ୍ରକାଶ କରିଥାଏ । ଧର୍ମଧାରା ଭିତରେ ନାନାଦି ଚଳଣି, ପ୍ରାର୍ଥନା, ପୂଜା ଆଦି ରହିଥାଏ । ତେବେ ଭିନ୍ନ ଭିନ୍ନ ଧର୍ମରେ ଦିବ୍ୟ, ପବିତ୍ର ବସ୍ତୁ , ବିଶ୍ୱାସ, ଅଲୌକିକ ଜୀବ କିମ୍ବା ଅଲୌକିକ ଜୀବନ କିମ୍ବା ‘ଅବଶିଷ୍ଟ ଜୀବନ ପାଇଁ ମାନଦଣ୍ଡ ଏବଂ ଶକ୍ତି ପ୍ରଦାନ କରିବା ଭଳି କିଛି ଚିରନ୍ତନତା ଏବଂ ଅପାର୍ଥିବତା’ ଆଦି ବିଷୟ ରହିଥାଇପାରେ କିମ୍ବା ନଥାଇପାରେ । ଧାର୍ମିକ ଅଭ୍ୟାସଗୁଡ଼ିକ ଭିତରେ ରୀତିନିତି, ଧର୍ମୋପଦେଶ, ସ୍ମାରକ କିମ୍ବା ଅତ୍ୟଧିକ ସମ୍ମାନ , ବଳିଦାନ, ପର୍ବ, ଭୋଜି, ପ୍ରଣାମ, ଅନ୍ତିମକ୍ରିୟା, ବିବାହ କାର୍ଯ୍ୟ, ଧ୍ୟାନ, ପ୍ରାର୍ଥନା, ସଂଗୀତ, କଳା, ନୃତ୍ୟ, ଜନ ସେବା କିମ୍ବା ମାନବ ସଂସ୍କୃତିର ଅନ୍ୟ ଦିଗ ଅନ୍ତର୍ଭୁକ୍ତ ହୋଇପାରେ । ଧର୍ମ ଗୁଡ଼ିକରେ ବିଭିନ୍ନ ପରାଭୌତିକ କାହାଣୀସବୁ ରହିଛି । ଏସବୁ ପବିତ୍ର ଶାସ୍ତ୍ର, ପ୍ରତୀକ ଏବଂ ପବିତ୍ର ସ୍ଥାନମାନଙ୍କରେ ସଂରକ୍ଷିତ ହୋଇ ରହେ ଏବଂ ତାହାର ଉଦ୍ଦେଶ୍ୟ ସାଧାରଣତଃ ଜୀବନକୁ ଅର୍ଥପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ହୋଇଥାଏ । ଧର୍ମରେ ଥିବା ସାଙ୍କେତିକ କାହାଣୀ ସବୁକୁ ବେଳେବେଳେ ଅନୁଗାମୀ ମାନେ ସତ୍ୟ ବୋଲି କହିଥାନ୍ତି । ଏସବୁର ଉଦ୍ଦେଶ୍ୟ ଜୀବନର ଉତ୍ପତ୍ତି, ବ୍ରହ୍ମାଣ୍ଡ ଏବଂ ଅନ୍ୟାନ୍ୟ ଜିନିଷର ବ୍ୟାଖ୍ୟା କରିବା । ତେବେ ଗୋଟିଏ କଥା ସତ ଧର୍ମ ସବୁବେଳେ ଉତ୍ତମ କର୍ମ ଓ ସତ୍ୟତା ଉପରେ ଦଣ୍ଡାୟମାନ। ମନୁଷ୍ୟ ଜୀବନ ମଧ୍ୟରେ ସତ୍ୟ ଓ କର୍ମ ପଥରେ ଥିଲେ ଧର୍ମ ସଦା ତା ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ ରହିବ।

# ଦୁଃଖର ବିନାଶ ଓ ନିର୍ବାଣ



ମହେଶ୍ୱର ମହାରଣା
ଆଡ଼ଭୋକେଟ
ମୋ-୯୪୩୭୦୮୦୫୦୭

ବୈଶାଖ ପୂର୍ଣ୍ଣିମାରେ ଜନ୍ମିତ ପବିତ୍ର ଆତ୍ମା । ରାଜା ଶୁଦ୍ଧୋଦନ ଓ ମାୟାଦେବୀଙ୍କ ଏକମାତ୍ର ପୁତ୍ର ସିଦ୍ଧାର୍ଥ । ରାଜକୁମାର ସିଦ୍ଧାର୍ଥ ଜ୍ଞାନପ୍ରାପ୍ତି ପରେ ଗୌତମ ବୁଦ୍ଧ ନାମରେ ପରିଚିତ। ବୌଦ୍ଧଧର୍ମ ଚାରି ଆର୍ଯ୍ୟ ସତ୍ୟ ଉପରେ ପର୍ଯ୍ୟବେସିତ। ଦୁଃଖ, ଦୁଃଖର ଉତ୍ପତ୍ତି, ଦୁଃଖ-ନିରୋଧ, ଦୁଃଖ-ନିରୋଧର ଉପାୟ। ଜନ୍ମ ଦୁଃଖ, ଜୀବନ ଦୁଃଖ, ମୃତ୍ୟୁ ହିଁ ଦୁଃଖ, ଯନ୍ତ୍ରଣା ଓ ବନ୍ଧନ ବି ଦୁଃଖ। ଏଥିରୁ ମୁକ୍ତି ପାଇବାର ମାର୍ଗ ଗୌତମ ବୁଦ୍ଧ ପ୍ରଦାନ କରିଥିଲେ। ଗୌତମ ବୁଦ୍ଧଙ୍କ ସିଦ୍ଧାନ୍ତ ଅନୁସାରେ ଜୀବନ ଦୁଃଖ ଓ ଏହାର କାରଣ ନିରାଟ ସତ୍ୟ ଓ ଅନିବାର୍ଯ୍ୟ। ସେ ‘କାରଣ’ ନିୟମରେ ବିଶ୍ୱାସ କରୁଥିଲେ। ବିନା କାରଣରେ କିଛି ହୁଏନାହିଁ। ପ୍ରତ୍ୟେକ କାରଣ ସମାନ ଭାବରେ ଏକ ପ୍ରଭାବ ସୃଷ୍ଟି କରେ। ମଣିଷର ଦୁଃଖ ମଧ୍ୟ ଏକ କାରଣ। ପ୍ରଥମେ କାରଣକୁ ସମାପ୍ତି କରିବା ନିହାତି ଆବଶ୍ୟକ। ତୃଷ୍ଣା ଓ ଇଚ୍ଛା ସମସ୍ତ ଦୁଃଖର କାରଣ। ଯେହେତୁ ଇଚ୍ଛାର ଅନ୍ତ ନାହିଁ ତେଣୁ ଦୁଃଖର ମଧ୍ୟ ଅନ୍ତ ନାହିଁ। ଦୁଃଖ ଦୂର କରିବାକୁ ହେଲେ ମନରୁ ସମସ୍ତ ଇଚ୍ଛାର ମୂଳ ଉତ୍ପାଟନ କରିବା ଆବଶ୍ୟକ। ଗୌତମ ବୁଦ୍ଧଙ୍କର ଏକାନ୍ତ ଉପଦେଶ ହେଉଛି ଅନ୍ଧବିଶ୍ୱାସ ଓ ଅଜ୍ଞାତାକୁ ଦୂର କରିବା ଏବଂ ନିରନ୍ତର ଧ୍ୟାନ ଦ୍ୱାରା ନିଜର ବିବେକକୁ ଜାଗ୍ରତ କରି ଅଜ୍ଞାନରୁ ମୁକ୍ତି ପାଇବା। ଆମ ସମାଜରେ ରହିଥିବା ଶାସ୍ତ୍ର, ରୀତି, ନୀତି ଏବଂ ପୂଜାପାଠ ତଥା ପ୍ରାର୍ଥନା ସମ୍ବନ୍ଧରେ ନିହିତ ସତ୍ୟତା ଉପରେ ଗୌତମ ବୁଦ୍ଧ ଏକ ସରଳ ଉଦାହରଣ ଦ୍ୱାରା ଏହାର ଅସ୍ତିତ୍ୱ ଉପରେ ଆଲୋକପାତ କରିଛନ୍ତି ଯେ ଯଦି ଏକ ବ୍ୟକ୍ତି ଗୋଟିଏ ନଦୀର ଏକ ପାର୍ଶ୍ୱର ବିପରୀତ ପାର୍ଶ୍ୱକୁ ଅତିକ୍ରମ କରିବା ପାଇଁ ତିନୋଟି ଉପାୟ ଅବଲମ୍ବନ କରିପାରିବ। ପ୍ରଥମତଃ ଯଦି ନଦୀରେ ସ୍ୱଳ୍ପ ପାଣି ଥିବ ତେବେ ଜଳ ମଧ୍ୟରେ ଚାଲିକରି କିମ୍ବା ଅଧିକ ଜଳ ଥିବା କ୍ଷେତ୍ରରେ ପହଁରିକି ଯାଇପାରେ ଅଥବା ନୌକାର ସାହାଯ୍ୟ ନେଇପାରେ। ଯେଉଁ ବ୍ୟକ୍ତି ଉପରୋକ୍ତ ୩ଟି ଉପାୟ ମଧ୍ୟରୁ କୌଣସି ଗୋଟିଏ ମଧ୍ୟ ଉପାୟ ଅବଲମ୍ବନ ନକରି କେବଳ ପୂଜାପାଠ କିମ୍ବା ପ୍ରାର୍ଥନା ଦ୍ୱାରା ଆଶା କରିବ ଯେ ସେ ନଦୀ ପାର ହୋଇଯିବ କିମ୍ବା ନଦୀର ଅପର କିନାରା ଆପେ ନିଜ ଅଭିମୁଖେ ପରିବର୍ତ୍ତିତ ହୋଇଯିବ ତେବେ ଏହା ଏକ ମହାମୁର୍ଖାମୀର ପରିଚୟ। ତେଣୁ ଏଥିରୁ ସ୍ୱଷ୍ଟ ଅନୁମେୟ ଯେକୌଣସି ପ୍ରକାର ଚିରାଚରିତ ପ୍ରଥା, ଧର୍ମ, ଶାସ୍ତ୍ର, ଅନ୍ଧବିଶ୍ୱାସରେ ବିଶ୍ୱାସ ନକରି ନିଜର ଅନୁଭବରୁ ଜାଗ୍ରତ ହେଉଥିବା ସତ୍ୟକୁ ଅନୁସରଣ କରିବା ପାଇଁ ଚେଷ୍ଟା କରିବା, ବୁଦ୍ଧଙ୍କର ମାନବ ସମାଜ ପ୍ରତି ଏକାନ୍ତ ଉପଦେଶ ଅଟେ। ଦୁଃଖ ନିରୋଧର ଉପାୟ ସ୍ୱରୂପ ସେ ୮ଗୋଟି ନୀତି ନିର୍ଦ୍ଧାରଣ କରିଥିଲେ ଯାହାକି ବୌଦ୍ଧଧର୍ମରେ ଅଷ୍ଟାଙ୍ଗିକ ମାର୍ଗ ରୂପରେ ପରିଚିତ। ଏହି ୮ଗୋଟି ଉପାୟ ହେଲା ୧) ସମ୍ୟକ୍ ଦୃଷ୍ଟି, ୨) ସମ୍ୟକ୍ ସଂକଳ୍ପ ୩) ସମ୍ୟକ୍ ବାକ୍ୟ ୪) ସମ୍ୟକ୍ କର୍ମ ୫) ସମ୍ୟକ ଜୀବିକା ୬) ସମ୍ୟକ ପରିଶ୍ରମ ୭) ସମ୍ୟକ ସ୍ମୃତି ୮) ସମ୍ୟକ ସମାଧି। ଏହି ମାର୍ଗରେ ଜୀବନଯାପନ କଲେ ମନୁଷ୍ୟ ଜନ୍ମମୃତ୍ୟୁ ଚକ୍ର ଅତିକ୍ରମ କରି ନିର୍ବାଣ ଲାଭ କରିପାରିବ। ନିର୍ବାଣର ଅର୍ଥ ମୁକ୍ତିର ଉପଲବ୍ଧି। ନିର୍ବାଣ ସାଧନାର ଶେଷ ସଂଯୋଗ। ନିର୍ବାଣ ହେଉଛି ଆବେଗ, ଘୃଣା ଏବଂ ଭ୍ରାନ୍ତିର ବିନାଶ। ସମସ୍ତ ଦୁଃଖ, ଜଞ୍ଜାଳ, ଆଶଙ୍କା, ଅସନ୍ତୋଷ ଓ ଯନ୍ତ୍ରଣାରୁ ମୁକ୍ତି ହିଁ ନିର୍ବାଣ ଅଟେ। ଯେଉଁ ବ୍ୟକ୍ତିମାନେ ସକଳ ତୃଷ୍ଣାକୁ ପରିହାର କରି ତ୍ୟାଗରେ ଆନନ୍ଦ ଲାଭ କରନ୍ତି ସେମାନେ ନିର୍ବାଣ ପଥର ଯୋଗ୍ୟ ଅଟନ୍ତି। ବୁଦ୍ଧ ଜ୍ଞାନ ପ୍ରାପ୍ତି ପରେ ଲାଭ କରିଥିବା ନୂତନ ଜ୍ଞାନ ଓ କରୁଣାର ବାର୍ତ୍ତା ମାନବ ସମାଜକୁ ସମୃଦ୍ଧ କରିବାରେ ଲାଗିଛି। ଆଜି ଭୂଖଣ୍ଡରେ ବାସ କରୁଥିବା ଅଧିକାଂଶ ଲୋକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ବୁଦ୍ଧଙ୍କର ଚିନ୍ତାଧାରାରେ ପ୍ରଭାବିତ। ଆଜି ବୁଦ୍ଧ ନାହାନ୍ତି, ତାଙ୍କ ପ୍ରଚାରିତ ଧର୍ମରେ ବିଶ୍ୱ ଆଲୋକିତ ହୋଇଛି ଏବଂ ଅନେକ କଣ୍ଠରେ ଝଙ୍କୃତ ହୁଏ।

ବୁଦ୍ଧଂ ଶରମଂ ଗଚ୍ଛାମି
ଧର୍ମଂ ଶରଣଂ ଗଚ୍ଛାମି
ସଂଙ୍ଗ ଶରଣଂ ଗଚ୍ଛାମି

ବୁଦ୍ଧ, ଧମ୍ମ (ଉପଦେଶ) ଓ ସଂଘକୁ ତ୍ରିରତ୍ନ ବୋଲି କୁହାଯାଏ। ଏହି ତ୍ରିରତ୍ନର ଆଶ୍ରୟ ନେଇ ଜୀବନକୁ ସୁଖମୟ ଏବଂ ମହାନ୍ କରିବା ଉଚିତ୍।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ମା।**

ଗାଧୁଆ ପାଧୁଆ ନ ହେଲା ନାହିଁ
ଅଖିଆ ଅପିଆ ରହିବି ମୁହିଁ
ତଥାପି “ ମା” ମୁଁ
ତୋହରି ନାମକୁ ଭୁଲିବି ନାହିଁ (୧)

ଚନ୍ଦନ ସିନ୍ଦୂର ନ ହେଲା ନାହିଁ
ତୁଳସୀର ମାଳା ମୋ ଲୋଡା ନାହିଁ
ତଥାପ “ମା” ମୁଁ
ତୋହରି ନାମକୁ ଭୁଲିବି ନାହିଁ (୨)

ପାଟ ପିତାମ୍ବରୀ ନ ହେଲା ନାହିଁ
ତଥାପି “ ମା” ମୁଁ
ତୋହରି ନାମକୁ ଭୁଲିବି ନାହିଁ (୩)

ଦହି ଦୁଧ ଛେନା ନ ହେଲା ନାହିଁ
ଲହୁଣୀରେ ମନ ମୋହର ନାହିଁ
ତଥାପି “ମା” ମୁଁ
ତୋହରି ନାମକୁ ଭୁଲିବି ନାହିଁ (୪)

ତୋ ନାମ ମୋହର ଗଙ୍ଗା ଯମୁନା
ତୋ ନାମେ ସିନ୍ଦୂର ଚିତା ପଇତା
ତଥାପି “ମା” ମୁଁ
ତୋହରି ନାମକୁ ଭୁଲିବି ନାହିଁ (୫)

ତୋ ସ୍ନେହ ମମତା କ୍ଷୀର ଲବଣୀ
ତୋ ପାଦଧୂଳି ମୋ ମଥାର ମଣି
ତଥାପି “ମା” ମୁଁ
ତୋହରି ନାମକୁ ଭୁଲିବି ନାହିଁ (୬)

କିପରି ଭାବେ ମୁଁ ତୋତେ କହିବି
ଯୁଗେ ଯୁଗେ ମୋର ତୁହି ଜନନୀ
ତଥାପି ‘ମା’ ମୁଁ
ତୋହରି ନାମକୁ ଭୁଲିବି ନାହିଁ (୭)

ଲୋଡା ନାହିଁ ମୋର ସାରା
ଜଗତ ତୋ ନାମ ମୋ ହୃଦେ
କେବଳ ମାତ
ତଥାପି ‘ମା’ ମୁଁ
ତୋହରି ନାମକୁ ଭୁଲିବି ନାହିଁ (୮)

ଲକ୍ଷ୍ମୀ ସରସ୍ୱତୀ ତୁ କାଳୀ ମାତ
ଦୁର୍ଗସ୍ନା ନାରାୟଣୀ ଶକ୍ତି ମୋ ମା
ତଥାପି ‘ମା’ମୁଁ
ତୋହରି ନାମକୁ ଭୁଲିବି ନାହିଁ (୯)

ଯୁଗେ ଯୁଗେ ଅଭି ତୋ ନାମ ଭଜି
ମାୟା ସଂସାରରୁ ଯାଏ ସେ ହଜି
ତଥାପି ‘ମା’ ମୁଁ
ତୋହରି ନାମକୁ ଭୁଲିବି ନାହିଁ(୧୦)

(କ୍ରମଶଃ)

# ଆକୃତିରେ ମଣିଷ ପ୍ରକୃତିରେ ପଶୁ



ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ
ଆଡଭୋକେଟ୍

ସମୟ ଚକ୍ରର ଅଭିଧା ଭିତରେ ମହାଶୂନ୍ୟ ସବୁଠାରୁ ବଡ । ଭାଗବତରେ ବାଣୀ ଅଛି “ବଦନ୍ତୀ ତତ୍ତ୍ୱ ବିଦସ୍ତତ୍ୱ ଯଦଜ୍ଞାନ ମଦ୍ୱୟମ୍, ବ୍ରହ୍ମତି-ପରମାଙ୍କେତି-ଭଗବାନେତି ଶବ୍ଦତେ” । ସେହି ଅନୁସାରେ (କ)- ପରମବ୍ରହ୍ମ ହିରଣ୍ୟଗର୍ଭ କୋଟି କୋଟି ବର୍ଷ ତଳେ ତାର ବିସ୍ଫୋରଣ ଘଟି (ଏବେକାର ବୈଜ୍ଞାନିକ ମାନଙ୍କ ମତରେ ବିଗ୍‌ବ୍ୟାଙ୍ଗ୍)-ତାହା ଫାଟି କ୍ରମଶଃ ତାର ପ୍ରତ୍ୟେକ ଖଣ୍ଡ ପରସ୍ପରକୁ ଧକ୍‌କା ଖାଇ ଶୀତଳ ହୋଇ ଅନ୍ତରୀକ୍ଷରେ ନକ୍ଷତ୍ର ଗ୍ରହ ଆଦିର ବିସ୍ମୟ ସର୍ଜନା । (ଖ)- ଦ୍ୱିତୀୟରେ ପରମପିତା ପରମାତ୍ମାଙ୍କ ସୃଷ୍ଟି ଯିଏକି ସର୍ବଧର୍ମ ସମ୍ପ୍ରଦାୟଙ୍କ ପାଇଁ ଈଶ୍ୱର ଏକ-ନିରାକାର କିନ୍ତୁ ଜ୍ୟୋତିସ୍ୱରୂପା । (ଗ)- ତୃତୀୟରେ ଜ୍ୟୋତିର ଆଂଶିକ ସତ୍ତାଧାରୀ ଅବତାରୀ ପୁରୁଷ ଭଗବାନ ସ୍ୱରୂପ ଯିଏକି ଐଶ୍ୱର୍ଯ୍ୟ-ଯଶ-ଲକ୍ଷ୍ମୀ-ଯୋଗ-ବୈରାଗ୍ୟ-ସନ୍ନ୍ୟାସ ଆଦିର ପ୍ରତୀକ । ସଦାତ୍ମା ଏମାନଙ୍କୁ ବୁଝେ ଭାବକୁ ନିକଟ ଅଭାବକୁ ଦୂର କରିପାରେ ଅପର ପକ୍ଷେ ଆକୃତିରେ ମଣିଷ ପ୍ରକୃତିରେ ପଶୁ ଏ ତତ୍ତ୍ୱକୁ ବୁଝି ନପାରି ମୁଢ଼ ।

୧- ଧର୍ମ

“ଧାରଣାତ୍ ଧର୍ମ ଇତ୍ୟାହୁ ଧର୍ମା ଧାରୟତି ପ୍ରଜାଃ, ଯଃ ସ୍ୟାତ୍ ଧାରଣ ସଂଯୁକ୍ତା ଇତି ନିଶ୍ଚୟ ”

ଧର୍ମର ଅର୍ଥ ଧାରଣ କରିବା କେବେବି ପରିତ୍ୟଜ ନୁହେଁ । ଧର୍ମର ଅର୍ଥ ବ୍ୟାପକ ବିଶ୍ୱୟ ନିୟମରେ ଯାହାକି ଅସୀମ । ଧର୍ମ ନାମରେ ଈଶ୍ୱରଙ୍କ ରାଜ୍ୟରେ ବିଭାଜନ ନାହିଁ । ଧର୍ମ ଅଲଭ୍ୟ । ଧର୍ମର ଧାରଣ ଗୁଣ ମତେ ବିଶ୍ୱ ବ୍ରହ୍ମାଣ୍ଡରେ ଗ୍ରହ ନକ୍ଷତ୍ର ପରସ୍ପର ମଧ୍ୟରେ ମାଧ୍ୟାକର୍ଷଣ ଶକ୍ତି ଯୋଗୁଁ ଘୁରି ସୃଷ୍ଟିର ବୈଚିତ୍ର ପ୍ରତିପାଦନ କରେ ଯିଏ ଏହାକୁ ବୁଝେ ସେ ତତ୍ତ୍ୱବେତ୍ତା ଏବଂ ଯଥାର୍ଥରେ ଋଷିପୁତ୍ର ।

୨- ମାନବ ଧର୍ମ

“ମାନବ ଧରମ ବିହିତ କରମ ବୀର ଭାବେ ଯେହୁ ସାଧେ, ସେହି ବୀରବର ରାମ ଧନୁର୍ଦ୍ଧର ଭବାର୍ଷିବେ ସେତୁ ବାନ୍ଧେ” । (ଗୋପବନ୍ଧୁ)- ଧର୍ମ ଧାରଣର ବ୍ୟାପକ ଅର୍ଥରୁ ମାନବ ଧର୍ମ କାଣିଚାଏ। ମାନବର ଅର୍ଥ ବୁଝାଏ ଯେ ତାର ଜୀବନନାମାରେ ବିବେକ ବଇରୀ ନୁହେଁ । ପୁଣି ମାନବ ଧର୍ମ ତ୍ରିଗୁଣାତ୍ମକ (Manab Dharma is divided into three folds) । ଯଥା ମାନବ ଧର୍ମର (କ) ପ୍ରଥମ ଗୁଣ ସ୍ୱାଭାବିକ ଧର୍ମ ଧାରଣ ଗୁଣ (Inseparable Quality) ଅନୁସାରେ (୧)- କାନର ଧର୍ମଗୁଣ ମହାରାଜା ପରୀକ୍ଷିତଙ୍କ ପରି ଭଲକଥା ଶୁଣି ଭବସାଗରରୁ ତରିବା । (୨)- ଆଖିର ଧର୍ମଗୁଣ ମତେ ସନ୍ଥ କବୀରଙ୍କ ଜାତି ସମ୍ପ୍ରଦାୟ ନଦେଖୁ ସମସ୍ତଙ୍କୁ ମିତ୍ର ଦୃଷ୍ଟିରେ ଦେଖିବା । (୩)- ନାକର ଧର୍ମଗୁଣ ମତେ ପ୍ରତ୍ୟେକ ପ୍ରଶ୍ୱାସରେ କର୍ମକାଣ୍ଡରେ ସବୁବେଳେ ଲିପ୍ତଥାଇ ବି ଗାନ୍ଧିଜୀଙ୍କ ସମ ମହାନାମ ନେଇ ଜୀବନର ଶେଷ ସଂଳାପ ନାମ ରଖିବା । (୪)- ପାଟିର ଧର୍ମଧାରଣ ଗୁଣ ମତେ ଧର୍ମରାଜ ଯୁଧିଷ୍ଠିରଙ୍କ ପରି କ୍ଷତି ସହି ରୋକ୍‌ଠୋକ୍ ସତ କହିବା । ସେହିପରି (ଖ) ମାନବ ଧର୍ମର ଦ୍ୱିତୀୟ ଗୁଣ କର୍ତ୍ତବ୍ୟ ଧର୍ମଗୁଣ (Duty Quality) ଅନୁସାରେ (୫) ହାତର ଧର୍ମଗୁଣ ଦାତା ହରିଶ୍ଚନ୍ଦ୍ରଙ୍କ ପରି ପେଟରୁ କାଟି ଅନ୍ୟକୁ ଦେବା । (୬)- ବୁଦ୍ଧିର ଧର୍ମଗୁଣ ମତେ ଶ୍ରୀଗଣେଶଙ୍କ ପରି ପିତାମାତାଙ୍କୁ ପ୍ରାଧାନ୍ୟ ଦେଇ ବିଶ୍ୱବିଜୟୀ ହେବା । ପୁଣି (ଗ)- ମାନବ ଧର୍ମର ତୃତୀୟ ଗୁଣ ଧାରଣ ସମ୍ପ୍ରଦାୟ ଧର୍ମ (Religious Quality) ଅନୁସାରେ (୭)- ପଦଯୁଗଳର ଧର୍ମଗୁଣ ମତେ ମଦନ ମୋହନ ମାଲବ୍ୟଙ୍କ ପରି ଅଯଥା କାମକୁ ନଯାଇ ପରହିତ ଲାଗି ହାଇଦ୍ରାବାଦ ନିଜାମଙ୍କ ଠାରୁ ଯୋତା ଭିକ୍ଷା କରି ମଧ୍ୟ ବନାରସ ହିନ୍ଦୁ ୟୁନିଭରସିଟି ପରି ମଣିଷ ତିଆରି କାରଖାନା ଗଢ଼ି ମହିମ୍ନ ଅନ୍ନଦାତା ହେବା । (୮)- ମନର ଧର୍ମଗୁଣ ମତେ ଆମେ ପୂର୍ବଜନ୍ମର କର୍ମଫଳରୁ ଯେ କୌଣସି ସମ୍ପ୍ରଦାୟରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ମନକୁ ନ ଛୋଟେଇ ବରଂ ପିଠେଇ ନେଇ ଜାତି-ବର୍ଣ୍ଣ-ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତଙ୍କୁ ସମତୁଲତାରେ-ସମରସତାରେ-ସମତାଭିତ୍ତିକ ଜ୍ଞାନରେ-ସମ୍ଭାବନାର ସୁସମାଚାର ଦେଇ-ମମତାର ମୁକୁଳିତ ମଣିପଦ୍ମର ମହକ ଦେଇ ବାନ୍ଧେ ସେ ସମାଜ ପାଇଁ ଶାନ୍ତିର କପୋତ ମହାମନିଷୀ ।

୩- ସମ୍ପ୍ରଦାୟ

“ମନ୍ଦିର ମସ୍‌ଜିଦ୍ ଗୀର୍ଜା ଘରମେ ଭଗବାନ କୋ ବାଁଟଲିୟା, ଧରତି ବାଁଟି ସାଗର ବାଁଟା ମତ୍ ବାଁଟୋ ଇନ୍‌ସା” (କବି ବିନୟ ମହାଜନ) - ସମ୍ପ୍ରଦାୟ ଅର୍ଥ ସମ୍ ଉପସର୍ଗ ପ୍ରଦାୟ ଯାହାକି ମାଇଲଖୁଣ୍ଟ ସମ ଆଗକୁ ଯିବାରେ ସମ୍ୟକ ଜ୍ଞାନ ଦିଏ ସମ୍ପୂର୍ଣ୍ଣ ଜ୍ଞାନ ନୁହେଁ । ସେହି ଅର୍ଥରେ କବିଙ୍କ ଭାଷାରେ ହେ ମଣିଷ ମନ୍ଦିର ମସ୍‌ଜିଦ୍ ଗୀର୍ଜା ନାଁରେ ଭଗବାନଙ୍କୁ ବାଣ୍ଟିନେଲ, ମାଟିକୁ ବାଣ୍ଟି ଦେଶ ଗଢ଼ି ବାଣ୍ଟିନେଲ, ସାଗରକୁ ବାଣ୍ଟି ସୀମା ନିର୍ଦ୍ଧାରଣ କରି ମହାସାଗର ଗଢ଼ିଲ, ହେଲେ ମଣିଷ ବା ମାନବିକତାକୁ ଯେ ବାଣ୍ଟେ ତାର ଚଟୁ ଆମିଷ ବଟୁ ନିରାମିଷର ଜୀବନ-ସେ ଚର୍ଚ୍ଚାରେ ଧୂଁଇ ଚର୍ଯ୍ୟାରେ ମୃତ ଏବଂ ସମାଜ ପାଇଁ ଢ଼ାଲ ନୁହେଁ ବରଂ ଗଡ଼ ।

୪- ସଭାବନା ସଦ୍‌ଭାବନା ବୈ ସାମ୍ୟ ମା’ ବୈଷମ୍ୟ (ନୀତିଶାସ୍ତ୍ର) ।

- ସରଭାବନା ଯାହାକି ସବୁଠି ସଂହତିକୁ ବୁଝାଏ । ଯାହାର ସଦ୍‌ଭାବନା ଥାଏ ସେ ଜାତି-ଧର୍ମ-ବର୍ଣ୍ଣ-ବୈଷମ୍ୟ ନଦେଖି ଏକ୍ ଜାତି ମାନବ ଜାତି ଭାବି ସମସ୍ତଙ୍କୁ ଭାଇଚାରା ଭିତରେ ଭଲପାଏ ଏବଂ ସନ୍ଥ କବୀରଙ୍କ ଭାଷାରେ “ସବ୍ ମେଁ ଜାଇଏ, ସବ୍ ବସିୟେ ସବ୍ ଲୀଜିୟେ ନାମ୍, ହାଁଜୀ ହାଁଜୀ କରତେ ରହିୟେ ବୈଠେ ଅପ୍‌ନା ଠାମ୍) ଅନୁସାରେ ସେ ସବୁ ସମ୍ପ୍ରଦାୟର ସସଙ୍ଗ ରୂପୀ ମନ ମରାମତି କାରଖାନାକୁ ଯାଇ ନିଜ ମନ ନିଜ ଗୁରୁ କରି ମଣିଷ ନୁହେଁ ମନିଷୀ।

୫- ଆଧ୍ୟାତ୍ମିକତା

“ ଅଧ୍ୟାତ୍ମ ଆତ୍ମଜ୍ଞାନଂ ଯୋଗନାନ୍ତେ ତନୁତ୍ୟଜା ମୁଖମାସୀତ୍ ପ୍ରଣବ ଓଁକାରଃ, ଏକସ୍ତୁଥା ଆତ୍ମାସାକ୍ଷୀ ଚେତା ନିର୍ଗୁନଃ ଭାବ ଚତୁବର୍ଣ୍ଣ ଗୁଣ କର୍ମ ବିଭାଗଶଃ ନିପୁଣ ” (ନୀତିଶାସ୍ତ୍ର)- ଆଧ୍ୟାତ୍ମିକତା ଅର୍ଥ ଯେ ଦେହ ଠାରୁ ଦେହୀ ବା ଆତ୍ମାକୁ ଅଧିକ ପ୍ରାଧାନ୍ୟ ଦେଇ “ସ୍ୱୟଂ ବିଷ୍ଣୁ ଅଭୂତ୍ୱା ମା ବିଷ୍ଣୁ ଅର୍ଚ୍ଚୟେତ୍” ମର୍ମରେ ଯେ କୌଣସି କର୍ମରେ ନିଜକୁ ନ୍ୟୁନ କରି ନଥାଏ। ସେ ବ୍ରାହ୍ମଣର ଧର୍ମଗୁଣ ମାନି ସତ୍ୟ କହେ-କ୍ଷତ୍ରିୟ ଧର୍ମ ମାନି ଯେଷାକୁ ଚେଷା-ବୈଶ୍ୟର ଧର୍ମ ମାନି ସମାଜ ପାଇଁ ମହିମ୍ନ ଅନ୍ନଦାତା-ଶୂଦ୍ରର ଗୁଣକର୍ମ ମାନି ଦରିଦ୍ର ନାରାୟଣର ସେବା କରେ ସେ ଅକେଲା ଚଲୋ ନୀତି ଆପଣେଇ ବ୍ରହ୍ମଜ୍ଞାନୀ ଏବଂ ସେ ଯଥାର୍ଥରେ ଆତ୍ମବିତ୍ ତଥା ଅଧ୍ୟାତ୍ମବାଦୀ ।

(୧୯୮୦ ମସିହା ଠାରୁ ଓଡିଶାରେ ମାନବ ଧର୍ମର ପ୍ରବର୍ତ୍ତକ)

# ଦୁର୍ନୀତିର କାୟା



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୭୯୭୮୬୬୬୪୦୩

ଦେଶରୁ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ଆଇନ ଯେତିକି ଯେତିକି କଠୋର ହେଉଛି, ଦୁର୍ନୀତି ସେତିକି ସେତିକି କାୟାବିସ୍ତାର କରିଚାଲିଛି। ଏହାର ସତ୍ୟତାକୁ ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲ ପକ୍ଷରୁ ୨୦୨୪ରେ ପ୍ରକାଶିତ ରିପୋର୍ଟ ପ୍ରତିପାଦନ କରିଛି। ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲ ପକ୍ଷରୁ ୧୮୦ ରାଷ୍ଟ୍ରରେ ଦୁର୍ନୀତି ନେଇ ପ୍ରସ୍ତୁତ ରିପୋର୍ଟ- ୨୦୨୪ରେ କରେପ୍ସନ ପରସେପ୍ସନ ଇଣ୍ଡେକ୍ସ(ସିପିଆଇ)ରେ ଭାରତର ର୍ୟାଙ୍କ ୯୬ ରହିଛି। ୨୦୨୨ରେ ଭାରତ ୮୫ ର୍ୟାଙ୍କରେ ଥିବାବେଳେ କରେପ୍ସନ ସ୍କୋର ଥିଲା ୪୦। ୨୦୨୪ରେ ଏହି ସ୍କୋର ୩୮କୁ ହ୍ରାସ ପାଇଛି। ଟ୍ରାନ୍ସପରେନ୍ସି ତା’ର ରିପୋର୍ଟରେ ଉଲ୍ଲେଖ କରିଛି ଯେ, ସରକାରୀ କାର୍ଯ୍ୟାଳୟରେ କାମ ହାସଲ ପାଇଁ ୪୦ପ୍ରତିଶତରୁ ଊର୍ଦ୍ଧ୍ୱ ଭାରତୀୟ ଉତ୍କୋଚକୁ ଏକ ମାଧ୍ୟମ ଭାବେ ଗ୍ରହଣ କରିଥାନ୍ତି କିମ୍ବା କାମ ବଦଳରେ ସେମାନଙ୍କ ଠାରୁ ଲାଞ୍ଚ ଦେବା ପାଇଁ ଦାବି କରାଯାଇଥାଏ। ଲାଞ୍ଚ ନଦେଲେ ଫାଇଲ ଘୁଞ୍ଚେ ନାହିଁକି, କାମ ହୁଏ ନାହିଁ, ଏଭଳି ମତ ଦେଇଛନ୍ତି ୪୦ପ୍ରତିଶତ ଭାରତୀୟ ଦୁର୍ନୀତି ନେଇ ଦେଶରେ ରାଜନୈତିକ ସ୍ତରରେ ସର୍ବଦା କୋଳାହଳ, ନେତାମାନଙ୍କର ତୁମ୍ବିତୋଫାନ ଭାଷଣ ଲାଗି ରହି ରହିଥିଲେ ମଧ୍ୟ ଏହା ସଂକ୍ରାମକ ରୋଗ ଭଳି ମାଡି ଚାଲିଛି। ଦୁର୍ନୀତିକୁ ପ୍ରଶୟ ଦିଆଯିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ବାରମ୍ବାର କଡା ଚେତାବନୀ ଦେଇଥିଲେ ମଧ୍ୟ ତାର ପ୍ରଭାବ ପଡୁନାହିଁ। କିନ୍ତୁ ଦୁର୍ନୀତି ପାଇଁ ଭାରତରେ ଶାସନ କ୍ଷମତା ପରିବର୍ତ୍ତନ ଘଟିଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର। ଏବେ ଦୁର୍ନୀତି ଗ୍ରସ୍ତଙ୍କ ବିରୁଦ୍ଧରେ ସିବିଆଇ, ଇଡି ପରି କେନ୍ଦ୍ରୀୟ ସଂସ୍ଥା ଏବଂ ରାଜ୍ୟସ୍ତରରେ କ୍ରାଇମ ବ୍ରାଞ୍ଚ ଚଢାଉ ଜାରି ରଖିଛି। ଦିନକୁ ଦିନ ଦୁର୍ନୀତିଗ୍ରସ୍ତଙ୍କ ସଂଖ୍ୟା ବଢିବାରେ ଲାଗିଥିବାବେଳେ ଜବତ ଆୟବର୍ହିଃଭୂତ ସମ୍ପତ୍ତିର ପରିମାଣ ମଧ୍ୟ ବଢିବାରେ ଲାଗିଛି। ତେବେ ପ୍ରତିପକ୍ଷ ତଥା ବିରୋଧି ଦଳ ନେତାଙ୍କୁ ଜବତ କରିବା ତଥା ରାଜନୈତିକ ଫାଇଦା ପାଇଁ କେନ୍ଦ୍ରରେ କ୍ଷମତାସୀନ ବିଜେପି ସରକାର କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡିକୁ ଅସ୍ତ୍ର ଭାବେ ବ୍ୟବହାର କରୁଛି ବୋଲି ବିରୋଧି ଦଳଗୁଡିକ ଅଭିଯୋଗ କରିଛନ୍ତି। ଏହା ନିସନ୍ଦେହ ଯେ, ଦେଶରେ ଲାଂଚ କାରବାର, ସରକାରୀ ଅର୍ଥ ହେରେଫେର, ଆତ୍ମସାତ ଯୋଗୁଁ ଦୁର୍ନୀତିର ଚେର ମାଡି ଚାଲିଛି। ଆହୁରି ମଧ୍ୟ ପିଉ ରିସର୍ଚ୍ଚ ସେଣ୍ଟର ଦ୍ୱାରା ହୋଇଥିବା ଏକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ୬୪ପ୍ରତିଶତ ଭାରତୀୟ ଭାବନ୍ତି ଯେ, ରାଜନୈତିକ ନେତା ବ୍ୟାପକ ମାତ୍ରାରେ ଦୁର୍ନୀତିରେ ସମ୍ପୃକ୍ତ। ବୋଧହୁଏ ଏଥିରେ ବିସ୍ମିତ ହେବାର କିଛି କାରଣ ନାହିଁ। ଏହା ସତ୍ୟ ଯେ, ଦୁର୍ନୀତି କେବଳ ଭାରତରେ ସୀମିତ ରହିନାହିଁ। ଏହା ବିଶ୍ୱର ଦୁଇତୃତୀୟାଂଶ ରାଷ୍ଟ୍ରକୁ ଗ୍ରାସ କରିଛି ବୋଲି ୨୦୨୪ ସିପିଆଇ ରିପୋର୍ଟରେ କୁହାଯାଇଛି। ଦୁର୍ନୀତି ଏପରି ମାତ୍ରାରେ କାୟାବିସ୍ତାର କରିଛି ଯେ, ଯେତେ କଠୋର ଆଇନ ପ୍ରଣୟନ ହେଲେ ବି ଦୁର୍ନୀତିଗ୍ରସ୍ତଙ୍କ ଫାନ୍ଦିଫକର ନିକଟରେ ଆଇନ ଫିକା ପଡିଯାଇଛି ବୋଲି କୁହାଯାଇପାରେ। ଆମ ରାଜ୍ୟରେ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ବହୁ ଆଇନ ରହିଛି। ମାତ୍ର ଦୁର୍ନୀତିଗ୍ରସ୍ତଙ୍କ ସଂଖ୍ୟା ବଢିଚାଲିଛି। ନିକଟରେ ଭିଜିଲାନ୍ସର ଚଢାଉ ଏହି ସଂକେତ ପ୍ରଦାନ କରୁଛି। ଦୁର୍ନୀତିଗ୍ରସ୍ତଙ୍କ ଆୟ ସମ୍ପତ୍ତି ଜବତ ଆଖି ଖୋସି କରିଦେଇଛି। ନିକଟରେ କେତେକ ଇଞ୍ଜିନିୟର, ବହୁସଂସ୍ଥାର ପରିଚାଳକ ଘର ଓ କାର୍ଯ୍ୟାଳୟ ଉପରେ ଭିଜିଲାନ୍ସ ଚଢାଉ କରି କେବଳ କୋଟି କୋଟି ଟଙ୍କାର ବେନାମୀ ସମ୍ପତ୍ତି ନୁହେଁ, ନଗଦ କୋଟି କୋଟି ଟଙ୍କା, ସୁନାଗହଣା ଜବତ ଘଟଣାରେ ଜନସାଧାରଣଙ୍କୁ ତାଜୁବ କରିଦେଇଛି। ଗୋଟିଏ ପଟେ ଦୁର୍ନୀତିଗ୍ରସ୍ତଙ୍କ ସଂଖ୍ୟା ବଢିଚାଲିଥିବାବେଳେ ସେହି ଅନୁପାତରେ ଅଭିଯୁକ୍ତଙ୍କ ପ୍ରତି ଦଣ୍ଡବିଧାନ ହେଉନାହିଁ। ଆଇନର ଗଳାବାଟରେ ସେମାନେ ନିର୍ଦ୍ଦୋଷରେ ଖଲାସ ହୋଇଯାଉଛି। ପ୍ରତି ୧୦ଜଣରେ ମାତ୍ର ୩ପ୍ରତିଶତ ଭିଜିଲାନ୍ସ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହେଉଥିବା କୁହାଯାଏ। କେବଳ ଏତିକି ନୁହେଁ, ବିଚାର ପ୍ରକ୍ରିୟାରେ ମନ୍ଥରତା ଆଉ ଏକ କାରଣ ବୋଲି କୁହାଯାଇପାରେ। ଏହା ନିସନ୍ଦେହ ଯେ, ଦୁର୍ନୀତି ବିରୁଦ୍ଧରେ ନିଜେ ସଚେତନ ନହେବା ପର୍ଯ୍ୟନ୍ତ, ଏହା କମିବ ନାହିଁ କି ଏହାକୁ ନିରାକରଣ କରାଯାଇପାରିବ ନାହିଁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୮ ମଇ, ରବିବାର, ୨୦୨୫


# ୯୦.୨୩ ମିଟର ଦୂରକୁ ଜାଭେଲିନ ଫିଙ୍ଗି ଇତିହାସ ରଚିଲେ ନୀରଜ ଚୋପ୍ରା

**ଦୋହା**

ଜାଭେଲିନ ଥ୍ରୋରେ ଇତିହାସ ରଚିଲେ ନୀରଜ ଚୋପ୍ରା। ଦୋହା ଡାଇମଣ୍ଡ ଲିଗ୍‌ରେ ନୀରଜ ଚୋପ୍ରା ରେକର୍ଡ ସୃଷ୍ଟି କରିଛନ୍ତି। ନୀରଜ ଚୋପ୍ରା ୯୦.୨୩ ମିଟର ଦୂରକୁ ଜାଭେଲିନ ଫିଙ୍ଗି ନୂଆ ରେକର୍ଡ କରିଛନ୍ତି। ଦୋହାରେ ଜାଭେଲିନ ଫାଇନାଲ ସମୟରେ ନୀରଜଙ୍କ ତୃତୀୟ ପ୍ରୟାସ ସମୟରେ ଆସିଥିବା ୯୦.୨୩ ମିଟର ଦୂରତ୍ୱକୁ ଅତିକ୍ରମ କରିଥିଲେ, ଯାହା ଭାରତର ଜାତୀୟ ରେକର୍ଡ ବୋଲି ଜଣାପଡ଼ିଛି।

ଭାରତୀୟ ଜାଭେଲିନର ସୁନା ପୁଅ ତଥା ଦୁଇଟି ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରା ଇତିହାସ ରଚିଛନ୍ତି। କ୍ୟାରିୟରରେ ପ୍ରଥମ ଥର ପାଇଁ ନୀରଜ ରଜ ୯୦ ମିଟର ଦୂରତ୍ୱକୁ ଅତିକ୍ରମ କରିବା ସହ ଦୋହା ଡାଇମଣ୍ଡ ଲିଗ୍-୨୦୨୫ରେ ରୌପ୍ୟ ପଦକ ଜିତିଛନ୍ତି।

କାତାର ସ୍ପୋର୍ଟସ କ୍ଲବରେ ଆୟୋଜିତ ପ୍ରତିଯୋଗିତାରେ ନୀରଜ ୯୦.୨୩ମିଟର ଦୂରତ୍ୱକୁ ଥ୍ରୋ କରି ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ପଦକ ଜିଜିତିଛନ୍ତି। ନୀରଜ ପ୍ରଥମ ଥର ଲାଗି ୯୦ ମିଟର ଦୂରତ୍ୱକୁ ଅତିକ୍ରମ କରିବା ସହ ଜାତୀୟ କୀର୍ତ୍ତିମାନ ସୃଷ୍ଟି କରି କରିଛନ୍ତି। ତୃତୀୟ ପ୍ରୟାସରେ ନୀରଜ ୯୦.୨୩ ମିଟର ଦୂରତ୍ୱକୁ ଛୁଇଁଥିଲେ। ଦୋହା ଡାଏମଣ୍ଡ ଲିଗ୍‌ରେ ନୀରଜଙ୍କ ଏହା ତୃତୀୟ ତଥା ଦ୍ୱିତୀୟ ରୌପ୍ୟ ପଦକ।




୨୦୨୨ ଷ୍ଟକହୋଲ୍‌ମ ଡାଏମଣ୍ଡ ଲିଗ୍‌ରେ ନୀରଜ ୮୯.୯୪ ମିଟର ଦୂରତ୍ୱକୁ ଥ୍ରୋ କରି ଜାତୀୟ କୀର୍ତ୍ତି କୀର୍ତ୍ତିମାନ ସୃଷ୍ଟି କରିଥିଲେ, ଯାହାକୁ ନୀରଜ ଦୋହାରେ ଅତିକ୍ରମ କରିବାରେ ସଫଳ ହୋଇଛନ୍ତି। ନୀରଜ ବିଶ୍ୱର ୨୫ତମ ଓ ଏସୀୟର ତୃତୀୟ ଜାଭେଲିନ ଫିଙ୍ଗାଳି ଭାବେ ୯୦ ମିଟର ଦୂରତ୍ୱକୁ ଛୁଇଁବାରେ ସଫଳ ହୋଇଛନ୍ତି।

ଜର୍ମାନୀର ଜୁଲିୟନ ୱେବର ୯୧.୦୬ ମିଟର ଦୂରତ୍ୱକୁ ଫିଙ୍ଗି ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ଓ ଗ୍ରେନେଡାର ଦୁଇଥର ବିଶ୍ୱ ଚାମ୍ପିଅନ ପିଟରର୍ସ ଆଣ୍ଡରସନ ୮୫.୬୪ ମିଟର ଦୂରତ୍ୱକୁ ଥ୍ରୋ କରି ତୃତୀୟ ସ୍ଥାନ ହାସଲ କରିଥିଲେ।

ଓଡ଼ିଆ ଜାଭେଲିନ ଫିଙ୍ଗାଳି କିଶୋର ଜେନା ଦ୍ୱିତୀୟ ପ୍ରୟାସରେ ୭୮.୬୦ ମିଟର ଦୂରତ୍ୱକୁ ଥ୍ରୋ କରିଥିଲେ ଯାହା ତାଙ୍କର ଉକ୍ତ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। ପୂର୍ବରୁ ନୀରଜ ଦୋହା ଡାଏମଣ୍ଡ ଲିଗ୍ ୨୦୨୩ରେ ସ୍ୱର୍ଣ୍ଣ ଓ ୨୦୨୪ରେ ରୌପ୍ୟ ପଦକ ଜିତିଥିଲେ।

## ଫୋନ୍ କରି ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ମୋଦୀ



**ନୂଆଦିଲ୍ଲୀ**

ଡବଲ୍ ଅଲିମ୍ପିକ୍ ପଦକ ବିଜେତା ଜାଭଲିନ୍ ଫିଙ୍ଗାଳି ନୀରଜ ଚୋପ୍ରା ତାଙ୍କ ଖେଳ ଜୀବନର ସବୁଠାରୁ ଶ୍ରେଷ୍ଠ ଥ୍ରୋ ଗୌରବ ଅର୍ଜନ କରିଥିବା ବେଳେ ତାଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପ୍ରଧାନମନ୍ତ୍ରୀ ନୀରଜଙ୍କୁ ପ୍ରଶଂସା କରି ଏହା ତାଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଶୃଙ୍ଖଳତାର ଫଳ ବୋଲି କହିଛନ୍ତି। ଏକ ଏକ୍ସ ପୋଷ୍ଟ ଜରିଆରେ ମଧ୍ୟ ମୋଦୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଏଥର ଆରସିବି ଜିତିବ ଆଇପିଏଲ୍ ଟ୍ରଫି : ସୁରେଶ ରାଇନା



**ନୂଆଦିଲ୍ଲୀ**

ବିରାଟ କୋହଲିଙ୍କ ଦଳ ଆରସିବି ଏଥର ଆଇପିଏଲରେ ଟାଇଟଲ ଜିତିବା ସମ୍ଭାବନା ଅଧିକ ରହିଛି। ଶେଷ ଥର ପାଇଁ ୨୦୧୬ରେ ଯେତେବେଳେ ସେ ଦଳର ଅଧିନାୟକ ଥିଲେ ସେତେବେଳେ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ସନରାଇଜର୍ସ ହାଇଦ୍ରାବଦ ଠାରୁ ପରାସ୍ତ ହୋଇ ବେଙ୍ଗାଲୁରୁ ହଜାର ହଜାର ପ୍ରଶଂସକଙ୍କ ହୃଦୟ ଭାଙ୍ଗି ଦେଇଥିଲା। କିନ୍ତୁ ଚଳିତ ଥର ଟିମ୍‌ର ସଦସ୍ୟ ଭଲ ପ୍ରଦର୍ଶନ କରୁଛନ୍ତି ବୋଲି କହିଛନ୍ତି ପୂର୍ବତନ ଭାରତୀୟ କ୍ରିକେଟର ସୁରେଶ ରାଇନା। ରାଇନା କହିଛନ୍ତି ଚଳିତ ବର୍ଷ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଆଇପିଏଲ ଟାଇଟଲ ଜିତିବା ସମ୍ଭାବନା ଅଧିକ ରହିଛି। କାରଣ ଏଥର ସେମାନେ ଭିନ୍ନ ଉପାୟରେ ଖେଳୁଛନ୍ତି। ସେମାନେ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଟିମ୍ ୧୫୦ ଓ ୧୩୬ ରନ ଭଳି ସ୍କୋରକୁ ମଧ୍ୟ ସମ୍ନା କରିଛନ୍ତି। ସେମାନଙ୍କର ବୋଲରମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଦଳର ନୂତନ ଅଧିନାୟକ ଚେନ୍ନାଇ ସୁପର କିଙ୍ଗ୍‌ସକୁ ଦୁଇ ଥର ପରାସ୍ତ ମଧ୍ୟ କରିଛନ୍ତି।

## ରୋହିତ ଓ କୋହଲିଙ୍କ ଅନୁପସ୍ଥିତିରେ ଭାରତ ପାଇଁ ଓପନିଂ ଓ ୪ନମ୍ବର ଚିନ୍ତା

**ମୁମ୍ବାଇ**



ଭାରତୀୟ କ୍ରିକେଟ୍ ଦଳ ଇଂଲଣ୍ଡ ବିପକ୍ଷ ଆହ୍ୱାନପୂର୍ଣ୍ଣ ଶୃଙ୍ଖଳା ଦଳର ଦୁଇ ବରିଷ୍ଠ ତଥା ସଫଳ ତାରକା ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ବିନା ଖେଳିବ। ଉଭୟ ଏକସଙ୍ଗରେ ଟେଷ୍ଟ କ୍ରିକେଟ୍‌କୁ ଅଲବିଦା କହିଛନ୍ତି। ଉଭୟଙ୍କ ଅବସର ପରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନକୁ ଭରଣା କରିବା ଭାରତ ପାଇଁ ନିଶ୍ଚିତ ଭାବେ କାଠିକର ପାଠ ହେବ। ଭାରତ ଶେଷ ଥର ପାଇଁ ୨୦୨୧-୨୨ରେ ଇଂଲଣ୍ଡରେ ଶୃଙ୍ଖଳା ଖେଳିଥିଲା ବେଳେ ସେହି ଚାରି ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ରୋହିତ ୫୭.୫୦ ହାରରେ ୩୪୫ ରନ୍ କରିଥିଲେ। ଏଣୁ ନୂଆ ଓପନିଂ ଯୋଡ଼ି ନେଇ ଖେଳିବା ଭାରତକୁ ନିଶ୍ଚିତ ଭାବେ ପରୀକ୍ଷାରେ ପକାଇବ। ସେହିଭଳି ନିଜ ୧୪ ବର୍ଷର ଟେଷ୍ଟ କ୍ୟାରିୟରରେ କୋହଲି ଅଧିକାଂଶ ସମୟ ୪ନମ୍ବର ସ୍ଥାନରେ ବ୍ୟାଟିଂ କରି ଭାରତକୁ ବହୁ ମ୍ୟାଚ୍‌ରେ ଜିତାଇଛନ୍ତି। ଏଣୁ ତାଙ୍କ ସ୍ଥାନ କିଏ ନେବ ତାହା ମଧ୍ୟ ଏକ ବଡ଼ ପ୍ରଶ୍ନ ଭାବେ ଉଭା ହୋଇଛି। ଏହି ଦୁଇଜଣଙ୍କ ସହ ବରିଷ୍ଠ ସ୍ପିନର ଆର ଅଶ୍ୱିନଙ୍କ ଅବସର ମଧ୍ୟ ଭାରତର ସ୍ପିନ୍ ବାହିନୀକୁ ଦୁର୍ବଳ କରିଛି। ଏଣୁ ଦଳୀୟ ଖେଳାଳିଙ୍କ ସହ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ପାଇଁ ମଧ୍ୟ ଭାରତର ଇଂଲଣ୍ଡ ଗସ୍ତ ବେଶ୍ ଆହ୍ୱାନପୂର୍ଣ୍ଣ ରହିବ।

## ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**



ସ୍ଥାନୀୟ ବାରିପଦା ଷ୍ଟାଡ଼ିୟମ ପଡ଼ିଆରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏସନର ସହଯୋଗରେ ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ଯୋଗଦେଇ ପୂର୍ବତନ ରାଜ୍ୟ ସ୍ତରୀୟ କ୍ରିକେଟ ଖେଳାଳି ଲଲାଟେନ୍ଦୁ ବେହେରା, ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏସନର ଆଜୀବନ ସଦସ୍ୟା ପ୍ରୀତିନନ୍ଦା କାନୁନଗୋ, ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ, ପୂର୍ବତନ ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ବେହେରା ଓ ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିବା ସହ ଯୁବ ଖେଳାଳିମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ ଓ ବରିଷ୍ଠ ସଦସ୍ୟ ଗଦାଧର ବେହେରା ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ-ଇ କମ୍ବାଇଣ୍ଡ ସ୍କୁଲ-ଏକୁ ୧୧୧ ରନରେ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଇ ଟିମ୍ ୩୦ ଓଭରରେ ୬ଟି ଉଇକେଟ ହରାଇ ୨୪୦ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଚନ୍ଦନ କୁମାର ସିଂ ୯୬, ଅଭିଷେକ ଶର୍ମା ୪୬ ଓ ସତ୍ୟମ ସୁନ୍ଦର ସେନାପତି ୩୧ ରନ କରିଥିବା ବେଳେ ବିପକ୍ଷ ଦଳର ମନ୍ମୟ ସାନ୍ତରା ୩ଟି ଉଇକେଟ ଅକ୍ତିଆର କରିଥିଲେ। ଉତ୍ତରରେ ଏ ଟିମ୍ ୨୦.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୨୯ ରନ ସଂଗ୍ରହ କରିପାରିଥିଲେ। ଦଳ ପକ୍ଷରୁ ଅବିନାଶ ଦାସ ୫୨ ରନ କରିଥିବା ବେଳେ ବିପକ୍ଷ ଦଳର ଆଦିତ୍ୟ ଦାସ ଓ ଲଳିତ ମହାପାତ୍ର ୩ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଚନ୍ଦନ କୁମାର ସିଂ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅମିତାଭ ପଟ୍ଟନାୟକ ଓ ସୁଶାନ୍ତ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ। ବିଭିନ୍ନ ବିଦ୍ୟାଳୟରେ ୭ମରୁ ୧୦ ଶ୍ରେଣୀରେ ପଢୁଥିବା ଛାତ୍ରମାନଙ୍କୁ ନେଇ ଗଠିତ ୮ଟି ଦଳକୁ ନେଇ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟ ୧୩ ଦିନ ଧରି ଅନୁଷ୍ଠିତ ହେବା ସହିତ ଚଳିତ ମାସ ୨୯ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।

## ସୁବର୍ଣ୍ଣପୁର ଜିଲ୍ଲା କ୍ରୀଡ଼ା ସଂଘର ସାଧାରଣ ବୈଠକ ଓ ନିର୍ବାଚନ ସଫଳଭାବେ ଅନୁଷ୍ଠିତ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**




ସୋନପୁର ଗାନ୍ଧୀ ଷ୍ଟାଡ଼ିୟମ ଗ୍ୟାଲେରୀରେ ସୁବର୍ଣ୍ଣପୁର ଜିଲ୍ଲା କ୍ରୀଡ଼ା ସଂଘର ସାଧାରଣ ବୈଠକ ଓ ନିର୍ବାଚନ ବୈଠକ ସଫଳଭାବେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ଅନ୍ୟା ଦାସଙ୍କ ପ୍ରତିନିଧି ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ ଓ ପୋଲିସ ଅଧିକ୍ଷକ ନାରାୟଣ ନାୟକଙ୍କ ପ୍ରତିନିଧି ଭାବେ ଉପଆରକ୍ଷୀ ଅଧିକ୍ଷକ ଆର.କେ. ମହାରଣା ଉପସ୍ଥିତ ରହିଥିଲେ। ବୈଠକର ନିର୍ବାଚନ ପ୍ରକ୍ରିୟା ଓ ପରିଚାଳନା ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ଓ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ କରିଥିଲେ।

ନିର୍ବାଚନ ଫଳାଫଳ ଅନୁଯାୟୀ, ଜିଲ୍ଲା କ୍ରୀଡ଼ା ସଂଘର ନୂତନ କାର୍ଯ୍ୟନିର୍ବାହୀ ସମିତିରେ ଚିତ୍ତରଞ୍ଜନ ତରାସିଆ ଉପସଭାପତି, ପିୟୁଷ କୁମାର ପଣ୍ଡା ସାଧାରଣ ସମ୍ପାଦକ, ନନ୍ଦ କିଶୋର ତ୍ରିପାଠୀ ସହ ସମ୍ପାଦକ, ରାଜୀବ କୁମାର ସାହୁ ଫୁଟବଲ ସମ୍ପାଦକ, ପୁରୁଷୋତ୍ତମ ପାଣିଗ୍ରାହୀ ଭଲିବଲ ସମ୍ପାଦକ ଓ ସୁଭାଷ ବିଶ୍ୱାଳ କୋଷାଧ୍ୟକ୍ଷ ଭାବରେ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରିଣୀ ସଦସ୍ୟ ଭାବେ କଇରୁ ସ୍ୱାଇଁ, ଗୌରୀ ଶ୍ୟାମ ପଣ୍ଡା, ଦିଲ୍ଲୀପ ଗୁରୁ, ଭୂକୁଲୁ ବକ୍ସି, ଗୋପାଳ ବରାଇ, ଗତିକୃଷ୍ଣ ମିଶ୍ର, ଜିତେନ୍ଦ୍ର କୁମାର ସାହୁ, ଆଦିତ୍ୟ ପ୍ରସାଦ ଦାନୀ, ବି. ସତ୍ୟ ନାରାୟଣ ରାଓ, ସୁଦର୍ଶନ ପଣ୍ଡା, ବଳରାମ ପଟ୍ଟନାୟକ, ଦିଗାମ୍ବର ଶତପଥି, କମଳାକାନ୍ତ ସାହୁ, କଲିମ ମହମ୍ମଦ ଓ ଭକ୍ତି ରଞ୍ଜନ ଦଳାଇଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି।

ଏହି ବୈଠକରେ ଏକ ସ୍ପୋର୍ଟସ ହଷ୍ଟେଲ ନିର୍ମାଣ ଓ କ୍ରୀଡ଼ା ସଂଘର ସମ୍ପୂର୍ଣ୍ଣ ବିକାଶ ପାଇଁ ନୂତନ କାର୍ଯ୍ୟନିର୍ବାହୀ ସମିତି ପକ୍ଷରୁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରାଯାଇଛି। ଏହାର ଉତ୍ତରରେ ଅତିରିକ୍ତ ଜିଲ୍ଲାପାଳ ତଥା ଉପସ୍ଥିତ ଅଧିକାରୀ ଏହି ଉଦ୍ୟମକୁ ସମର୍ଥନ କରି ଭବିଷ୍ୟତରେ ପ୍ରଶାସନ ଦ୍ୱାରା ଆବଶ୍ୟକ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେ ଏହି ବୈଠକରେ ଜିଲ୍ଲା କ୍ରୀଡ଼ା ସଂଘର ପୂର୍ବତନ କାର୍ଯ୍ୟକାଳରେ ନିଆଯାଇ ଥିବା ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଶଂସା କରିଥିଲେ।

ବୈଠକର ସମାପନୀ ଅଧିବେଶନ ଉପସଭାପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଶେଷରେ ସହ ସମ୍ପାଦକ ନନ୍ଦ କିଶୋର ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ବୈଠକର ଶେଷ ଘୋଷଣା କରିଥିଲେ।

## ୱେଷ୍ଟଇଣ୍ଡିଜ୍‌ର ନୂଆ ଅଧିନାୟକ ହେଲେ ରୋଷ୍ଟନ ଚେଜ୍

**ଜମାଇକା**



ରୋଷ୍ଟନ ଚେଜ୍‌ଙ୍କୁ ୱେଷ୍ଟଇଣ୍ଡିଜ ପୁରୁଷ ଟେଷ୍ଟ ଦଳର ନୂଆ ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି। ୨ ବର୍ଷ ତଳେ ଅନ୍ତିମ ଟେଷ୍ଟ ଖେଳିଥିବା ୩୩ ବର୍ଷୀୟ ଚେଜ୍, କ୍ରେଗ୍ ବ୍ରାଥୱେଟ୍‌ଙ୍କ ସ୍ଥାନ ନେବେ। ବ୍ରାଥ୍‌ୱେଟ୍ ଗତ ମାର୍ଚ୍ଚରେ ନିଜ ପଦରୁ ଇସ୍ତଫା ଦେଇଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ଟେଷ୍ଟ ସିରିଜ୍ ସହିତ ଚେଜ୍‌ଙ୍କ ଅଧିନାୟକ କ୍ୟାରିୟର ଆରମ୍ଭ ହେବ।

ଏହି ସିରିଜ୍ ସହିତ ଉଭୟ ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ ଦଳର ନୂଆ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନସିପ୍ (ଡବ୍ଲ୍ୟୁଟିସି) ଅଭିଯାନ ଆରମ୍ଭ ହେବ। ଜୋମେଲ ୱାରିକାନଙ୍କୁ ଉପ ଅଧିନାୟକ ନିଯୁକ୍ତ କରାଯାଇଛି। ଦଳର ନୂଆ ଅଧିନାୟକ ନିଯୁକ୍ତି ଲାଗି କ୍ରିକେଟ ୱେଷ୍ଟଇଣ୍ଡିଜ (ସିଡବ୍ଲ୍ୟୁଆଇ) ପକ୍ଷରୁ ଏକ ଇଣ୍ଟରଭ୍ୟୁ ପ୍ୟାନେଲ ଗଠନ କରାଯାଇଥିଲା। ଏଥିରେ ମୁଖ୍ୟ କୋଚ୍ ଡାରେନ ସାମି, ଡାଇରେକ୍ଟର ଅଫ କ୍ରିକେଟ ମାଇଲ୍ସ ବାସ୍କମ୍ବେ ଓ ଚେୟାରମ୍ୟାନ ଅଫ କ୍ରିକେଟ ଷ୍ଟ୍ରାଟେଜୀ ଏନୋଚ ଲୁଇସ ସଦସ୍ୟ ଥିଲେ। ଚେଜ୍ ଏପର୍ଯ୍ୟନ୍ତ ୪୯ ଟେଷ୍ଟ ଖେଳି ୨୬.୩୩ ଆଭରେଜରେ ୫ ଶତକ ସହ ୨୨୬୫ ରନ କରିଛନ୍ତି। ତାଙ୍କ ନାମରେ ୮୫ ଉଇକେଟ ମଧ୍ୟ ରହିଛି। ଶାଇ ହୋପ ଦିନିକିଆ ଓ ଟି-୨୦ ଫର୍ମାଟରେ ୱେଷ୍ଟଇଣ୍ଡିଜ ଦଳର ଅଧିନାୟକ ଅଛନ୍ତି।

## ଫୁଲବାଣୀରେ ସିନିୟର ଓସବା ଷ୍ଟେଟ୍ ର୍ୟାଙ୍କିଂ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**କନ୍ଧମାଳ, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ଫୁଲବାଣୀ ସ୍ଥିତ ଇନ୍‌ଡୋର ଷ୍ଟାଡ଼ିୟମରେ, ସନରାଇଜ ସିନିୟର ର୍ୟାଙ୍କିଂ ବ୍ୟାଡ୍‌ମିଣ୍ଟନର ୩ ଦିନିଆ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। କନ୍ଧମାଳ ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଆସୋସିଏସନର ପରିଚାଳନାରେ ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହରିଶ୍ ବିସି ଏବଂ ସମ୍ମାନିତ ଅତିଥି ଭାବେ କନ୍ଧମାଳ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କନ୍ଧମାଳ ଜିଲ୍ଲାରେ ପ୍ରଥମ ଥର ଏହି ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ଆୟୋଜନ କରିଥିବା କେଡିବିଏର କର୍ମକର୍ତ୍ତାମାନଙ୍କୁ ସାଧୁବାଦ ଦେବା ସହ ଏହିଭଳି ରାଜ୍ୟ ସ୍ତରୀୟ ଟୁର୍ଣ୍ଣାମେଣ୍ଟ ଯୋଗୁଁ ଜିଲ୍ଲାର ଖେଳାଳିଙ୍କ ପ୍ରେରଣା ଓ ଉତ୍ସାହର ସ୍ରୋତ ହେବ ବୋଲି କହିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଓସବାର ଅବଜର୍ଭର ପ୍ରଦୀପ କୁମାର ମହାନ୍ତି ଓ ଶୈଳେନ୍ଦ୍ର ଚୌଧୁରୀ, କନ୍ଧମାଳ ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଆସୋସିଏସନର ସଭାପତି ତଥା ବରିଷ୍ଠ ବ୍ୟାଡ୍‌ମିଣ୍ଟନ ଖେଳାଳି ଅଶୋକ କୁମାର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ପାତ୍ର, ସମ୍ପାଦକ ଦୀପକ ରଞ୍ଜନ ମହାନ୍ତି ଓ ବରିଷ୍ଠ ଖେଳାଳି ମାନସ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଟୁର୍ଣ୍ଣାମେଣ୍ଟର କୋଡିନେଟର ପ୍ରଶାନ୍ତ କୁମାର ବେହେରା ପରିଚାଳନା କରିଥିଲେ। ଏହି ତିନି ଦିନିଆ ଟୁର୍ଣ୍ଣାମେଣ୍ଟରେ ସମଗ୍ର ରାଜ୍ୟର ଅଧିକାଂଶ ଜିଲ୍ଲାର ୧୨୫ରୁ ଅଧିକ ଖେଳାଳି ଭାଗ ନେଇଛନ୍ତି। ଜିଲ୍ଲାରେ ପ୍ରଥମଥର ପାଇଁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ବହୁ ସଂଖ୍ୟାରେ ଦର୍ଶକ ଉପଭୋଗ କରିବା ପାଇଁ କନ୍ଧମାଳ ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଆସୋସିଏସନ ପକ୍ଷରୁ ଅନୁରୋଧ କରାଯାଇଛି।

## ୨୫ରେ ଗସ୍ତ କରିବ ଭାରତ-ଏ' ଦଳ

**ମୁମ୍ବାଇ**

ବରିଷ୍ଠ ଦଳର ଶୃଙ୍ଖଳା ପୂର୍ବରୁ ଭାରତୀୟ 'ଏ' ଦଳ ମଧ୍ୟ ଇଂଲଣ୍ଡ ଗସ୍ତ କରି ସେଠାରେ ଶୃଙ୍ଖଳା ଖେଳିବ। ଭାରତୀୟ-ଏ' ଦଳର ଖେଳାଳିମାନେ ଚଳିତ ମେ ୨୫ରୁ ପର୍ଯ୍ୟାୟକ୍ରମେ ଏବଂ ଆଇପିଏଲ୍‌ର ସ୍ଥିତି ଅନୁଯାୟୀ ସେଠାକୁ ଯିବେ। ଯେଉଁମାନେ ଆଇପିଏଲ୍ ଖେଳୁ ନାହାନ୍ତି କିମ୍ବା ସେମାନଙ୍କ ଦଳ ଲିଗ୍ ପର୍ଯ୍ୟାୟରୁ ବିଦାୟ ନେଇଯିବ, ସେମାନେ ଆଗୁଆ ଇଂଲଣ୍ଡ ଯିବେ। ଅନ୍ୟମାନେ ଟିକେ ବିଳମ୍ବରେ ସେଠାରେ ପହଞ୍ଚିବେ। ଭାରତ 'ଏ' ଦଳ ଘୋଷଣା ପରବର୍ତ୍ତୀ ଦିନେ ଦୁଇ ଦିନ ଭିତରେ ହେବାର ଅଛି। ଭରତ-ଏ' ତା' ଇଂଲଣ୍ଡ ଅଭିଯାନ ଆସନ୍ତା ୩୦ ତାରିଖରୁ ଆରମ୍ଭ କରିବ।

## ସଚିନ ତେନ୍ଦୁଲକରଙ୍କ ନାମରେ ଯୋଡ଼ି ହେଲା ଆଉ ଏକ ସଫଳତା

**ନୂଆଦିଲ୍ଲୀ**



କ୍ରିକେଟର ଭଗବାନ ଭାବରେ ଜଣାଶୁଣା ସଚିନ ତେନ୍ଦୁଲକର ବିସିସିଆଇ ମୁଖ୍ୟାଳୟରେ ତାଙ୍କ ନାମରେ ଏକ ବୋର୍ଡ ରୁମ୍ ଉଦ୍‌ଘାଟନ କରିଥିଲେ। ଏହାକୁ 'ଏସଆରଟି ୧୦୦' ନାମ ଦିଆଯାଇଛି। ଏଥିରେ ୧୦୦ଟି ଶତକ ଦେଖାଯାଇଛି। ବିସିସିଆଇ ଏହାର ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛି। ଏଥିରେ, ସଚିନ ତାଙ୍କର କିଛି ଶ୍ରେଷ୍ଠ ସ୍ମୃତି ବିଷୟରେ କହୁଥିବାର ଦେଖା ଯାଇଥିଲା। ସଚିନଙ୍କ ବ୍ୟତୀତ ବିସିସିଆଇ ମୁଖ୍ୟାଳୟରେ ସୁନୀଲ ଗାଭାସ୍କରଙ୍କ ନାମରେ ଏକ କୋଠରି ମଧ୍ୟ ଅଛି।

ଏହି ବିଶେଷ ଅବସରରେ, ସଚିନ ତେନ୍ଦୁଲକର କହିଥିଲେ, କ୍ରିକେଟ କ୍ଲବ ଅଫ ଇଣ୍ଡିଆର ଠିକ୍ ସାମ୍ନାରେ ଏକ ଛୋଟ କୋଠରି ଥିଲା। ମୁଁ ଏବେ ବି ମନେ ରଖିଛି ଯେ ମୁଁ ୧୯୮୯ ମସିହାରେ ପ୍ରଥମ ଥର ପାଇଁ ପାକିସ୍ତାନ ଗସ୍ତ କରିଥିଲି। ଏହା ଥିଲା ବିସିସିଆଇର କାର୍ଯ୍ୟାଳୟ। ସେଠାରୁ ଆଜି ପର୍ଯ୍ୟନ୍ତ ପରିବର୍ତ୍ତନ ବହୁତ ବଡ଼।'

ସଚିନ ତେନ୍ଦୁଲକର ଭାରତ ଦ୍ୱାରା ଜିତିଥିବା ଆଇସିସି ଟ୍ରଫିଗୁଡ଼ିକୁ ଦେଖି କହିଥିଲେ, 'ଏହି ଅମୂଲ୍ୟ ଟ୍ରଫିଗୁଡ଼ିକ ସେହି ସ୍ଥାନକୁ ଆହୁରି ସ୍ୱତନ୍ତ୍ର କରିଥାଏ। ଏହା ବିସିସିଆଇ ଅଧିକାରୀ ଏବଂ ଖେଳାଳିମାନେ ଦେଶକୁ ଏହି ମାଇଲଖୁଣ୍ଟରେ ପହଞ୍ଚାଇବାରେ କିପରି ଯୋଜନା ଏବଂ କାର୍ଯ୍ୟକାରୀ କରିପାରିଥିଲେ ତାହାର ପ୍ରତିଫଳନ। ତେଣୁ ଏଗୁଡ଼ିକ ସ୍ୱତନ୍ତ୍ର ମୁହୂର୍ତ୍ତ।'

## ଧୋନିଙ୍କ ପ୍ରଶଂସକଙ୍କ ପାଇଁ ଖୁସି ଖବର : ଆଇପିଏଲ ୨୦୨୬ ଖେଳିବେ ଧୋନୀ

**ନୂଆଦିଲ୍ଲୀ**

ପୁଣି ଥରେ ଆଇପିଏଲ ୨୦୨୫ ଶନିବାର ଆରମ୍ଭ ହୋଇଛି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଯୋଗୁଁ ଲିଗ୍‌ର ୧୮ତମ ସିଜିନକୁ ମଝିରେ ବନ୍ଦ କରିବାକୁ ପଡିଥିଲା। ଏହି ସିଜିନରେ ୫ ଥର ଚାମ୍ପିଅନ ଚେନ୍ନାଇ ସୁପର କିଙ୍ଗ୍ସର ପ୍ରଦର୍ଶନ ଭଲ ନଥିଲା। ସିଏସ୍‌କେ ଚଳିତ ସିଜିନରୁ ପୂର୍ବରୁ ବାଦ୍ ପଡ଼ିସାରିଛି। ଚେନ୍ନାଇ ସୁପର କିଙ୍ଗସ ଚଳିତ ସିଜିନରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ୧୨ଟି ମ୍ୟାଚ୍ ମଧ୍ୟରୁ କେବଳ ୩ଟିରେ ଜିତିଛି। ଚେନ୍ନାଇକୁ ୬ରେ ପରାଜୟର ସାମ୍ନା କରିବାକୁ ପଡିଥିଲା। ଚେନ୍ନାଇକୁ ଏବେ ୧୮ତମ ସିଜିନରେ ମାତ୍ର ୨ଟି ମ୍ୟାଚ୍ ଖେଳିବାକୁ ପଡିବ।

ସିଏସକେ ମେ ୨୦ରେ ରାଜସ୍ଥାନ ରୟାଲ୍ସକୁ ଭେଟିବ। ଏହି ମ୍ୟାଚ୍ ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହା ପରେ, ୫ ମେ'ରେ ଧୋନିଙ୍କ ସେନା ଗୁଜରାଟ ଟାଇଟାନ୍ସ ସହିତ ମୁକାବିଲା କରିବ। ଚେନ୍ନାଇର ନିୟମିତ ଅଧିନାୟକ ଋତୁରାଜ ଗାୟକ୍ୱାଡ ଆଘାତ ଯୋଗୁଁ ଏହି ସିଜିନରେ ଖେଳି ନଥିଲେ। ଏବେ ପୁଣି ଥରେ ମହେନ୍ଦ୍ର ସିଂହ ଧୋନିଙ୍କୁ ଚେନ୍ନାଇର ଅଧିନାୟକ ଦାୟିତ୍ୱ ଦିଆଯାଇଥିଲା। ତଥାପି ମାହିଙ୍କ ଅଧିନାୟକତ୍ୱରେ ମଧ୍ୟ ସିଏସକେର ଭାଗ୍ୟ ପରିବର୍ତ୍ତନ ହୋଇନଥିଲା।

ଆଇପିଏଲ ୨୦୨୫ ଶେଷ ହେବାକୁ ଯାଉଥିବାରୁ, ପ୍ରଶଂସକଙ୍କ ମନରେ ପ୍ରଶ୍ନ ଉଠୁଛି ଯେ ଧୋନି ଆଗାମୀ ସିଜିନରେ ଖେଳିବେ କି ନାହିଁ। ଟିଓଆଇ ରିପୋର୍ଟ ଅନୁଯାୟୀ,



ଧୋନି ମଧ୍ୟ ଆଇପିଏଲ ୨୦୨୬ ଖେଳିବେ। ଧୋନି ନିଜେ ଫ୍ରାଞ୍ଚାଇଜ ମାଲିକମାନଙ୍କୁ କୌଣସି ସୂଚନା ଦେଇନାହାଁନ୍ତି ଯେ ଏହା ତାଙ୍କର ଶେଷ ସିଜିନ। ଧୋନି କହିଛନ୍ତି ଯେ ସେ କିଛି ମାସ ପରେ ଏ ବିଷୟରେ ନିଷ୍ପତ୍ତି ନେବେ। ତଥାପି ଧୋନି ଅଧିନାୟକ ରହିବାର ସମ୍ଭାବନା କମ୍। କହୁଣୀ ଆଘାତରୁ ସୁସ୍ଥ ହେବା ପରେ ଋତୁରାଜ ଗାୟକ୍ୱାଡଙ୍କୁ ଏହି ଦାୟିତ୍ୱ ଦିଆଯାଇପାରେ। ଗାୟକ୍ୱାଡଙ୍କ ଅଧିନାୟକତ୍ୱରେ ଚେନ୍ନାଇର ପ୍ରଦର୍ଶନ ଗତ ଦେଢ଼ ସିଜନରେ କିଛି ବିଶେଷ ହୋଇନାହିଁ।

ମହେନ୍ଦ୍ର ସିଂହ ଧୋନି ହେଉଛନ୍ତି ଆଇପିଏଲରେ ସର୍ବାଧିକ ମ୍ୟାଚ ଖେଳିଥିବା ଖେଳାଳି। ଏପର୍ଯ୍ୟନ୍ତ ସେ ୨୭୬ ମ୍ୟାଚର ୨୪୧ ଇନିଂସରେ ୩୮.୪୬ ହାରରେ ଏବଂ ୧୩୭.୬୩ ଷ୍ଟ୍ରାଇକ ରେଟ ସହିତ ୫୪୨୩ ରନ କରିଛନ୍ତି। ଏହି ସମୟ ମଧ୍ୟରେ ଧୋନି ୨୪ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ସେ ଆଇପିଏଲରେ ସର୍ବାଧିକ ରନ ସ୍କୋରରଙ୍କ ତାଲିକାରେ ଷଷ୍ଠ ସ୍ଥାନରେ ଅଛନ୍ତି। ମାହି ଆଇପିଏଲ ୨୦୨୫ରେ ଏପର୍ଯ୍ୟନ୍ତ ୧୨ଟି ମ୍ୟାଚ୍ ଖେଳିଛନ୍ତି। ଏହି ସମୟ ମଧ୍ୟରେ ଧୋନି ୧୪୦ଷ୍ଟ୍ରାଇକ ରେଟ୍‌ରେ ୧୮୦ ରନ କରିଛନ୍ତି।

## ଇଂଲଣ୍ଡ ଗସ୍ତ ପାଇଁ ଘୋଷଣା ହେଲା ଇଣ୍ଡିଆ ଏ ଟିମ୍ : ଦଳକୁ ଫେରିଲେ ଇଶାନ କିଶନ ଓ କରୁଣ ନାୟର

**ନୂଆଦିଲ୍ଲୀ**

ଆଇପିଏଲ୍ ୨୦୨୫ ସମାପନ ପରେ ଭାରତୀୟ ଦଳ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ପାଇଁ ଇଂଲଣ୍ଡ ଗସ୍ତ କରିବ। ଏହି ସିରିଜ୍ ପୂର୍ବରୁ ଇଣ୍ଡିଆ ଏ ଏବଂ ଇଂଲଣ୍ଡ ଲାୟନ୍ସ ମଧ୍ୟରେ ଦୁଇଟି ଚାରି ଦିବସୀୟ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳାଯିବ। ଏହି ସିରିଜ୍ ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଛି। ଅଭିମନ୍ୟୁ ଈଶ୍ୱରନଙ୍କୁ ଦଳର ଅଧିନାୟକ କରାଯାଇଥିବା ବେଳେ ଧ୍ରୁବ ଜୁରେଲଙ୍କୁ ଉପ ଅଧିନାୟକ ନିଯୁକ୍ତ କରାଯାଇଛି।

ଦୀର୍ଘ ସମୟ ଧରି ଟିମ୍ ଇଣ୍ଡିଆରୁ ବାହାରେ ଥିବା ଇଶାନ କିଶନ ଫେରିଛନ୍ତି। ତାଙ୍କ ବ୍ୟତୀତ ଆଘାତ ଯୋଗୁଁ ଭାରତର ଟେଷ୍ଟ ଦଳରୁ ବାହାରେ ଥିବା ଶାର୍ଦ୍ଦୁଳ ଠାକୁରଙ୍କ ମଧ୍ୟ ଦଳକୁ ପ୍ରତ୍ୟାବର୍ତ୍ତନ ଘଟିଛି। ଏପରି ସ୍ଥିତିରେ ଯଦି ଏହି ଉଭୟ ଖେଳାଳି ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଭଲ ପ୍ରଦର୍ଶନ କରନ୍ତି, ତେବେ ସେମାନଙ୍କୁ ଇଂଲଣ୍ଡ ବିପକ୍ଷର ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ସୁଯୋଗ ମିଳି ପାରିବ। ଏହି ଦଳ ଘୋଷଣା ପରେ ଏହା ସ୍ପଷ୍ଟ ହୋଇଯାଇଛି ଯେ ଶ୍ରେୟସ ଆୟରଙ୍କୁ ଟେଷ୍ଟ ଦଳକୁ ଫେରିବା ପାଇଁ ଅପେକ୍ଷା କରିବାକୁ ପଡ଼ିପାରେ।

ଅଭିଜ୍ଞ ବ୍ୟାଟର କରୁଣ ନାୟର ମଧ୍ୟ ଦୀର୍ଘ ସମୟ ପରେ ଭାରତୀୟ ଦଳକୁ ଫେରିବାରେ ସଫଳ ହୋଇଛନ୍ତି। ଗତ ବର୍ଷ ନାୟର ଘରୋଇ କ୍ରିକେଟରେ ଚମତ୍କାର ପ୍ରଦର୍ଶନ କରି ରନ ବର୍ଷା କରିଥିଲେ। ସେ ପ୍ରଥମ ଶ୍ରେଣୀ ଏବଂ ଲିଷ୍ଟ ଏ କ୍ରିକେଟରେ ୧୬୦୦ରୁ ଅଧିକ ରନ କରିଥିଲେ। ଏଥିରେ ନଅଟି ଶତକ ସାମିଲ। ତାଙ୍କର ଫର୍ମ ଦେଖିବା ପରେ, ତାଙ୍କୁ ଭାରତୀୟ ଦଳରେ ସାମିଲ କରିବା ପାଇଁ ଲଗାତାର ଦାବି ହେଉଥିଲା। ଯଦି ସେ ଭାରତ-ଏ ପାଇଁ ଖେଳିବାର ସୁଯୋଗ ପାଆନ୍ତି ଏବଂ ଭଲ ପ୍ରଦର୍ଶନ କରନ୍ତି ତେବେ ଭାରତୀୟ ଦଳରେ ସୁଯୋଗ ମିଳିପାରେ।

ଏହା ବ୍ୟତୀତ, ବିସିସିଆଇ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ଶୁଭମନ ଗିଲ୍ ଏବଂ ସାଇ ସୁଦର୍ଶନ ଦ୍ୱିତୀୟ ମ୍ୟାଚ୍ ପୂର୍ବରୁ ଦଳରେ ଯୋଗ ଦେବେ। ଉଭୟ ଖେଳାଳି ଆଇପିଏଲ ୨୦୨୫ରେ ଗୁଜରାଟ ଟାଇଟାନ୍ସ ପକ୍ଷରୁ ଖେଳୁଛନ୍ତି ଏବଂ ଜିଟି ପ୍ଲେଅଫର ନିକଟତର ହୋଇଛି। ତେଣୁ ପ୍ଲେଅଫ୍ ମ୍ୟାଚ୍ ପରେ ଉଭୟ ଖେଳାଳି ଭାରତୀୟ ଦଳରେ ଯୋଗଦେବେ। ଦୁଇ ଦଳ ମଧ୍ୟରେ ପ୍ରଥମ ମ୍ୟାଚ୍ ଜୁନ୍ ୦୨ରୁ ଜୁନ୍ ୦୫ ମଧ୍ୟରେ ଖେଳାଯିବ। ଦ୍ୱିତୀୟ ମ୍ୟାଚ୍ ଜୁନ୍ ୯ରୁ ଆରମ୍ଭ ହେବ।

ଭାରତୀୟ ଏ ଦଳ : ଅଭିମନ୍ୟୁ ଈଶ୍ୱରନ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, କରୁଣ ନାୟାର, ଧ୍ରୁବ ଜୁରେଲ (ଉପ-ଅଧିନାୟକ ଏବଂ ୱିକେଟ୍ କିପର), ନୀତୀଶ କୁମାର ରେଡ୍ଡୀ, ଶାର୍ଦ୍ଦୁଳ ଠାକୁର, ଇଶାନ କିଶନ (ୱିକେଟ୍ କିପର), ମାନବ ସୁଥାର, ଶାମ୍ସ ମୁଲାନି, ମୁକେଶ କୁମାର, ଆକାଶ ଦୀପ, ହର୍ଷିତ ରାଣା, ଅଂଶୁଲ ଗାଇକ୍ୱାଡ, ସର୍ଫରାଜ ଖାନ, ତୁଷାର ଦେଶପାଣ୍ଡେ, ହର୍ଷ ଦୁବେ।

## ବର୍ଷା ଯୋଗୁଁ ରଦ୍ଦ ହେଲା କୋଲକାତା-ବେଙ୍ଗାଲୁରୁ ଆଇପିଏଲ ମ୍ୟାଚ୍

**ବେଙ୍ଗାଲୁରୁ**

ବେଙ୍ଗାଲୁରୁର ଏମ.ଚିନ୍ନାସ୍ୱାମୀ ଷ୍ଟାଡିୟମଠାରେ ଶନିବାର ଖେଳାଯିବାକୁ ଥିବା ଆଇପିଏଲ ୨୦୨୫ର ୫୮ତମ ମ୍ୟାଚ ବର୍ଷା କାରଣରୁ ରଦ୍ଦ ହୋଇଯାଇଛି। ପ୍ରବଳ ବର୍ଷା କାରଣରୁ ଟସ୍ ମଧ୍ୟ ପଡ଼ି ପାରିନଥିଲା। ଏହା ଫଳରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଓ କୋଲକାତା ନାଇଟରାଇଡର୍ସ (କେକେଆର) ପଏଣ୍ଟ ଭାଗ କରିଛନ୍ତି। ଗୋଟିଏ ପଏଣ୍ଟ ପାଇବା ପରେ ମୋଟ ୧୭ ପଏଣ୍ଟ ସହ ପଏଣ୍ଟ ଟେବୁଲର ଶୀର୍ଷରେ ନିଜ ସ୍ଥାନକୁ ସୁଦୃଢ଼ କରିଛି ଆରସିବି। ଅନ୍ୟପକ୍ଷରେ କେକେଆର ୧୨ ପଏଣ୍ଟ ସହ ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନରେ ରହିଛି। ଏହା ସହିତ କେକେଆର ପ୍ଲେଅଫ୍ ଖେଳିବା ଆଶା ଶେଷ ହୋଇଯାଇଛି। ସୂଚନାଯୋଗ୍ୟ ଯେ ପାକିସ୍ତାନ ଉପରେ ଭାରତର ଅପରେସନ ସିନ୍ଦୂରଯୋଗୁଁ ଆଇପିଏଲ ଟୁର୍ଣ୍ଣାମେଣ୍ଟକୁ ପ୍ରାୟ ୧୦ ଦିନ ପାଇଁ ସ୍ଥଗିତ ରଖାଯାଇଥିଲା। ଏହା ପରେ ବିସିସିଆଇ ପକ୍ଷରୁ ଆଇପିଏଲର ଅବଶିଷ୍ଟ ମ୍ୟାଚ ପାଇଁ ନୂଆ ତାରିଖ ଘୋଷଣା କରାଯାଇଥିଲା।

ଭୁବନେଶ୍ୱର
୧୮ ମଇ,
ରବିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଶ୍ରୀଜୀଉଙ୍କ ତିନିରଥର ୧୬ଟି ଚକ ନିର୍ମାଣ ଶେଷ

**ପୁରୀ, ୧୭/୦୫ ନ୍ୟୁଜ ବ୍ୟୁରୋ**

ରଥ ନିର୍ମାଣର ଶନିବାର ଥିଲା ଷୋଡ଼ଶ ଦିବସ। ଶନିବାର ସୁଦ୍ଧା ତିନିରଥର ଗୋଟିଏ ଗୋଟିଏ ନାହାକା ଅଖ ଉଭୟ ପାର୍ଶ୍ୱ ଗୋଲେଇ ସହ ମାଠେଣି କାର୍ଯ୍ୟ ଶେଷ ହୋଇଛି। ଶୁକ୍ରବାର ସୁଦ୍ଧା ତିନି ରଥର ୧୨ ଗୋଟି ଚକର ନିର୍ମାଣ ଶେଷ ହେବାସହ ତିନି ରଥର ଗୋଟିଏ ଗୋଟିଏ ନାହାକା ଅଖର ଅନୁକୂଳ ପୂଜା ପରେ ଅଖର ଉଭୟ ପାର୍ଶ୍ୱ ଗୋଲେଇ କାର୍ଯ୍ୟ ଜାରି ରହିଥିଲା। ତିନିରଥର ମୋଟ ୪୨ ଗୋଟି ଚକ ମଧ୍ୟରୁ ଶନିବାର ସୁଦ୍ଧା ୧୬ ଗୋଟି ଚକ ନିର୍ମାଣ ଶେଷ ହୋଇଛି। ତାଳଧ୍ୱଜ ରଥ ଓ ଦର୍ପଦଳନ ରଥର ୫ଟି ଲେଖାଏଁ ଚକ ନିର୍ମାଣ ଶେଷ ହୋଇଛି। ନନ୍ଦିଘୋଷ ରଥର ୬ ଗୋଟି ଚକ ନିର୍ମାଣ ଶେଷ ହୋଇଛି। ଏତଦ୍‌ବ୍ୟତୀତ ତିନିରଥର ଚାରିଟି ଲେଖାଏଁ ୧୨ ଫୁଟିଆ ପ୍ରଥମ ଭୂଇଁ ଓରା ଚଉପଟ ପରେ ଉଭୟ ପାର୍ଶ୍ୱ ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ଏଥିସହ ତିନି ରଥର ଦୁଇଟି ଲେଖାଏଁ ଭୂଇଁ ଖମ୍ବାର ଚଉପଟ କାର୍ଯ୍ୟ ଶେଷ ହୋଇଛି। ତିନି ରଥର ଆଉ ଦୁଇଟି ଲେଖାଏଁ ତୁମ୍ୱରେ ଭୋଇ ସେବକଙ୍କ ଦ୍ୱାରା ସିଙ୍ଗଡ଼ା ବାଡ଼ିଆ ଶେଷ ହେବାପରେ ତୁମ୍ୱରେ ଅଖ ବିନ୍ଧ ପାଇଁ ଭୋଇ ସେବକମାନେ ରଥ ଚାଳିକୁ ଯୋଗାଇ ଦେଇଥିଲେ। ତୁମ୍ୱଗୁଡ଼ିକରେ ତୁମ୍ୱ ବିନ୍ଧ ବା ଅଗର ବିନ୍ଧ ହେବାପରେ ତିନି ରଥର ମହାରଣା ସେବକମାନେ ଅର ସାଲ କାର୍ଯ୍ୟ ଶେଷ



କରିଛନ୍ତି। ତିନି ରଥର ପ୍ରଭା ଅପସରା ଏବଂ ବେଦି ସିଂହାସନ ନିର୍ମାଣ ନିମନ୍ତେ ରଥ ଅମିନ ତିନି ରଥଚାଳିକୁ ଦୁଇଟି ଲେଖାଏଁ ୧୨ ଫୁଟିଆ ଅସନ କାଠ ଯୋଗାଇ ଦେଇଥିଲେ। ଉକ୍ତ କାଠର ଚଉପଟ କାର୍ଯ୍ୟ ତିନି ରଥର ମହାରଣା ସେବକମାନେ ଜାରି ରଖିଛନ୍ତି। ରୂପକାର ସେବକମାନେ ତିନି ରଥର ସାଲ ଗୁଜରେ ନୃସିଂହ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦି ଅସ୍ଥାୟୀ କମାର ଶାଳରେ ତିନି ରଥର ୧୦ଟି ଲେଖାଏଁ ଚକ ପାଇଁ ଆବଶ୍ୟକ ଅର କଣ୍ଟା ନିର୍ମାଣ ଶେଷ କରି ବାକି ଚକଗୁଡ଼ିକ ପାଇଁ ଅର କଣ୍ଟା ନିର୍ମାଣ ଚାଲୁ ରଖିଛନ୍ତି। ଅବଶିଷ୍ଟ ଚକଗୁଡ଼ିକର ତୁମ୍ୱ ପାଇଁ ପଦାରି ବଳା, ତୁମ୍ୱ ବାହ୍ୟ ବଳା ଓ ପଦାରି ଚାବି ନିର୍ମାଣ ଜାରି ରଖିଛନ୍ତି।

# ଡାଇନିଂ ଟେବୁଲରେ ମହାପ୍ରସାଦ ସେବନ କରନ୍ତୁନି

**ଭୁବନେଶ୍ୱର, ୧୭/୦୫**
**ନ୍ୟୁଜ ବ୍ୟୁରୋ**

ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଡାଇନିଂ ଟେବୁଲରେ ମହାପ୍ରସାଦଦ ସେବନ ନ କରିବାକୁ ନିବେଦନ କରାଯାଇଛି। ଡାଇନିଂ ଟେବୁଲରେ ମହାପ୍ରସାଦ ସେବନର ଭିଡିଓ ଭାଇରାଲ ହେବା ପରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ନିବେଦନ କରି କୁହାଯାଇଛି ଯେ ମହାପ୍ରଭୁଙ୍କ ଦିବ୍ୟ ପ୍ରସାଦ ଅନ୍ନବ୍ରହ୍ମ ରୂପେ ପୂଜିତ। ଭୂମିରେ ବସି ମହାପ୍ରସାଦ ସେବନର ବିଧି ଅନାଦି କାଳରୁ ରହିଆସିଛି। ତେଣୁ ଡାଇନିଂ ଟେବୁଲରେ ବସି ମହାପ୍ରସାଦ ସେବନ ନ କରିବାକୁ ନିବେଦନ କରାଯାଉଛି। ହୋଟେଲ ଗୁଡ଼ିକ ମଧ ଏଥିପ୍ରତି ଦୃଷ୍ଟି ଦେବାକୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହାସହିତ ନିଜ ଅତିଥିଙ୍କୁ ଏଭଳି କାର୍ଯ୍ୟରୁ ବିରତ ରହିବାକୁ ସଚେତନ କରିବାକୁ କୁହାଯାଇଛି। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଟ୍ୱିଟ୍ କରି କୁହାଯାଇଛି ଯେ ପୁରୀ ଶ୍ରୀକ୍ଷେତ୍ରର ଏକ ହୋଟେଲରେ କିଛି ବ୍ୟକ୍ତି ଡାଇନିଂ ଟେବୁଲରେ ମହାପ୍ରସାଦ ସେବନ କରୁଥିବା ଚିତ୍ର ସାମାଜିକ ଗଣମାଧମରେ ପ୍ରସାରିତ ହେବା ଶ୍ରୀମନ୍ଦିର ପ୍ରଶାସନର ନଜରକୁ ଆସିଅଛି। ଏହି ଚିତ୍ରକୁ ନେଇ ଶ୍ରୀଜଗନ୍ନାଥ



ପ୍ରେମୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ଏହି ସନ୍ଦର୍ଭରେ ଶ୍ରୀମନ୍ଦିର ପକ୍ଷରୁ ସ୍ପଷ୍ଟ କରାଯାଉଛି ଯେ, ମହାପ୍ରଭୁଙ୍କ ଦିବ୍ୟ ମହାପ୍ରସାଦ ଅନ୍ନବ୍ରହ୍ମ ରୂପେ ପୂଜିତ। ଭୂମିରେ ବସି ମହାପ୍ରସାଦ ସେବନର ବିଧି ପରମ୍ପରା ଅନାଦି କାଳରୁ ରହିଆସିଛି। ତେଣୁ ଏଭଳି ଡାଇନିଂ ଟେବୁଲରେ ମହାପ୍ରସାଦ ସେବନ କରିବା ଭଳି ପରମ୍ପରା ବିରୋଧୀ କାର୍ଯ୍ୟରୁ ବିରତ ରହିବାକୁ ସମସ୍ତ ଭକ୍ତ ସମାଜକୁ ବିନମ୍ର ନିବେଦନ କରାଯାଉଛି। ହୋଟେଲଗୁଡ଼ିକ ମଧ ଏଥିପାଇଁ ଦୃଷ୍ଟି ଦେବା ସହ ନିଜ ଅତିଥିଙ୍କୁ ଏଭଳି କାର୍ଯ୍ୟରୁ ବିରତ ରହିବାକୁ ସଚେତନ କରିବାକୁ ଅନୁରୋଧ କରାଯାଇଛି। ମହାପ୍ରସାଦ କହିଲେ ଶ୍ରୀମନ୍ଦିରରେ ପ୍ରସ୍ତୁତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରସାଦକୁ ବୁଝାଇଥାଏ। ଏହାର ସେବନ ମନୁଷ୍ୟକୁ ମୁକ୍ତି ପ୍ରଦାନ କରିଥାଏ ବୋଲି ବିଶ୍ୱାସ ରହିଛି । ଏହା ମାନବ ଶରୀରର କୌଣସି କ୍ଷତି କରିନଥାଏ। ମହାପ୍ରସାଦର ରନ୍ଧନଶୈଳୀକୁ ଦୃଷ୍ଟିଦେଲେ ଜାଣି ହୁଏ ଯେ, ଏହା ସମ୍ପୂର୍ଣ୍ଣ ବାମ୍ଫଦ୍ୱାରା ପ୍ରସ୍ତୁତ ହୋଇଥାଏ । ରନ୍ଧନ କାର୍ଯ୍ୟରେ ବ୍ୟବହୃତ ପରିବାରୁ ଚୋପା ଛଡ଼ା ଯାଇନଥାଏ । ମହାପ୍ରସାଦ ପ୍ରସ୍ତୁତରେ ଘିଅ ବ୍ୟତୀତ ଅନ୍ୟ କୌଣସି ତେଲ, ଗରମ ମସଲା, ପୋସ୍ତକ ଓ ଉତ୍ତେଜକ ଦ୍ରବ୍ୟ ବ୍ୟବହାର ନିଷିଦ୍ଧ। ଏଥିରେ ଆୟୁର୍ବେଦର ବୈଶିଷ୍ଟ୍ୟ ପରିଲକ୍ଷିତ ହୋଇଥାଏ। ସେହିପରି ଜଗନ୍ନାଥ ମନ୍ଦିରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପାଖରେ ବିଭିନ୍ନ ପ୍ରକାର ଅନ୍ନବ୍ୟଞ୍ଜନ ଭୋଗ ହୋଇସାରି ବିମଳାଙ୍କ ନିକଟରେ ସମର୍ପଣ କରାଯିବା ପରେ ତାହାକୁ ମହାପ୍ରସାଦ (ଅବଢ଼ା ନାମରେ ମଧ ଜଣା) କୁହାଯାଏ। ଏହା ଅବଢ଼ା (ଏହା ବଢ଼ା ନହୋଇ ଗୋଟା କୁଡୁଆରେ ଠାକୁରମାନଙ୍କୁ ଅର୍ପଣ କରାଯାଉଥିବାକୁ ଏହାକୁ ଅବଢ଼ା (ବଢ଼ା ହୋଇନଥିବା) କୁହାଯାଇଥାଏ । ଅବଢ଼ା ନିର୍ମାଲ୍ୟ, ମାହାର୍ଦ୍ଦ ଓ କୈବଲ୍ୟ ନାମରେ ମଧ ଜଣା। କୈବଲ୍ୟ ଓ ଅବଢ଼ା ମଧ୍ୟରେ ପାର୍ଥକ୍ୟ ହେଉଛି, କୈବଲ୍ୟକୁ ଦୁଇ ଆଙ୍ଗୁଠିରେ ଅର୍ଥାତ କଣିକାଏ ଖାଇବାକୁ ହୁଏ; କିନ୍ତୁ ଅବଢ଼ା ମନମୁତାବକ ପେଟପୁରା ଖିଆଯାଏ।

# 'ସିନ୍ଦୂର' ଭାରତୀୟଙ୍କ ପାଇଁ ବିଜୟର ସଙ୍କେତ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୭/୦୫**
**ନ୍ୟୁଜ ବ୍ୟୁରୋ**

ଅପରେସନ ସିନ୍ଦୂରର ସଫଳତା ପାଳନ ଅବସରରେ ମାଷ୍ଟର କ୍ୟାଣ୍ଟିନଠାରେ ମିଶନ୍ ଶକ୍ତି ବିଭାଗ ପକ୍ଷରୁ 'ସିନ୍ଦୂର ଯାତ୍ରା' ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଅପରେସନ୍ ସିନ୍ଦୂର କେବଳ ଏକ ନାମ ନୁହେଁ, ଭାରତୀୟ ସେନାର ସାହସ ଓ ନାରୀ ସମ୍ମାନର ଏହା ଏକ ଅଭିନବ ସମାହାର ବୋଲି କହିଥିଲେ। ସିନ୍ଦୂରର ରଙ୍ଗ ନାଲି। ଏହି ନାଲି ରଙ୍ଗ ବିଜୟର ପ୍ରତୀକ ଏବଂ ବିପଦର ମଧ୍ୟ ପ୍ରତୀକ। ନାଲି ରଙ୍ଗକୁ ଶତ୍ରୁମାନଙ୍କ ପାଇଁ ବିପଦ ଓ ଭାରତବାସୀଙ୍କ ପାଇଁ ବିଜୟର ସଂକେତ ଭାବେ ଅଭିହିତ କରି ଏହି ମିଶନର ନାଁ 'ଅପରେସନ୍ ସିନ୍ଦୁର' ରଖାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ



କହିବା ସହ ଆମର ବୀର ଯବାନମାନଙ୍କୁ ଏହି ପଦଯାତ୍ରା ଦ୍ୱାରା ଆମେ ସ୍ମରଣ କରୁଛୁ ବୋଲି କହିଥିଲେ। ମହିଳାମାନଙ୍କୁ ନେଇ ଆୟୋଜିତ ଏହି ପଦଯାତ୍ରା ମାଷ୍ଟରକ୍ୟାଣ୍ଟିନରୁ ଆରମ୍ଭ ହୋଇ ରମାଦେବୀ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା। ଏଥିରେ ହଜାର ହଜାର ମହିଳା ଯୋଗ ଦେଇଥିବା ବେଳେ ନୌସେନାର ସର୍ଜେଣ୍ଟ୍ ଲେଫ୍ଟନାଣ୍ଟ୍ କମାଣ୍ଡର ଅନନ୍ୟା ଦଳବେହେରା ଓ ପହଲଗାମ୍‌ଠାରେ ସହିଦ ପ୍ରଶାନ୍ତ ଶତପଥୀଙ୍କ ଧର୍ମପତ୍ନୀ ପ୍ରିୟଦର୍ଶିନୀ ଆଚାର୍ଯ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ନର୍ଲା ବିଧାୟିକା ମନୋରମା ମହାନ୍ତି, ହିନ୍ଦୋଳ ବିଧାୟିକା ସୀମାରାଣୀ ନାଏକ, ଉନ୍ନୟନ କମିଶନର ଅନୁ ଗର୍ଗ, ମିଶନ ଶକ୍ତି ସଚିବ ଶାଳିନୀ ପଣ୍ଡିତ, ମିଶନ ଶକ୍ତି ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ ଓ ସମାଜସେବୀ ପିଙ୍କି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱ ପାଳନ କଲା ୧୨ତମ ଆର୍ଟ ଅଫ୍ ଗିଭିଂ ଦିବସ

**ଭୁବନେଶ୍ୱର, ୧୭।୫**
**ନ୍ୟୁଜ ବ୍ୟୁରୋ**

ସମଗ୍ର ବିଶ୍ୱରେ ଆଜି ପାଳିତ ହୋଇଛି ଅନ୍ତର୍ଜାତୀୟ 'ଆର୍ଟ ଅଫ୍ ଗିଭିଂ' ଦିବସ। ଓଡ଼ିଶାର ସମସ୍ତ ଜିଲ୍ଲା ସମେତ ୩୫ଟି ସହର, ଭାରତର ବିଭିନ୍ନ ସହର ସହ ବିଶ୍ୱର ପ୍ରାୟ ୧୨୦ଟି ଦେଶର ୩୫୦ଟି ସ୍ଥାନରେ ୧୨ତମ ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ ହୋଇଛି। ଭାରତର ୨୯ଟି ରାଜ୍ୟ, ୪ଟି କେନ୍ଦ୍ରଶାସିତ ଅଞ୍ଚଳର ୩୫ଶହ ସ୍ଥାନରେ ଏବଂ ୨ଶହ ସହର ସମେତ ଓଡ଼ିଶାର ୩୦ଟି ଜିଲ୍ଲା, ୩୫ଟି ପ୍ରମୁଖ ସହର, ୩ଶହରୁ ଊର୍ଦ୍ଧ୍ୱ ବ୍ଲକ୍, ୫ହଜାରରୁ ଊର୍ଦ୍ଧ୍ୱ ଗ୍ରାମ ପଞ୍ଚାୟତର ୧୦ ହଜାର ସ୍ଥାନରେ ଅନ୍ତର୍ଜାତୀୟ 'ଆର୍ଟ ଅଫ୍ ଗିଭିଂ' ଦିବସ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ



ହୋଇଯାଇଛି। ବିଭିନ୍ନ ସ୍ଥାନରେ ସଭା ସମିତି କରାଯାଇ ଆର୍ଟ୍ ଅଫ୍ ଗିଭିଂର ବାର୍ତ୍ତା ଶାନ୍ତି, ମୈତ୍ରୀ, ସୌହାର୍ଦ୍ଦ୍ୟ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା।

ସମାଜରେ ପରସ୍ପରକୁ ସାହାଯ୍ୟ, ସହଯୋଗ, ଶାନ୍ତି, ମୈତ୍ରୀ ଓ ସୌହାର୍ଦ୍ଦ୍ୟ ବାଣ୍ଟିବା ପାଇଁ ୨୦୧୩ ମସିହା ମେ ୧୭ ତାରିଖଠାରୁ ଶିକ୍ଷାବିତ୍ ଓ ସମାଜସେବୀ ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ଆର୍ଟ ଅଫ୍ ଗିଭିଂ' ପ୍ରୟାସ ଏବେ ସମଗ୍ର ବିଶ୍ୱରେ ପ୍ରସାର ଲାଭ କରିଛି। ସମସାମୟିକ ଆବଶ୍ୟକତା ଓ ଆବେଗ ଆଧାରରେ ପ୍ରତିବର୍ଷ 'ଆର୍ଟ ଅଫ୍ ଗିଭିଂ'ର ଏକ ସ୍ୱତନ୍ତ୍ର ବିଷୟବସ୍ତୁ ରହିଥାଏ। ଚଳିତବର୍ଷର ବିଷୟବସ୍ତୁ ଥିଲା ନେବରଗୁଡ୍ (ପଡ଼ୋଶୀଙ୍କ ସହ ଉତ୍ତମ ସମ୍ପର୍କ)।

ମୁଷ୍ଟିମେୟ ଅଂଶଗ୍ରହଣକାରୀଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ଏବେ କାୟା ବିସ୍ତାର କରିଚାଲିଛି । ଦେଶରୁ ମହାଦେଶକୁ ବ୍ୟାପିଛି। ଲକ୍ଷ ଲକ୍ଷ ବ୍ୟକ୍ତି ସାମିଲ ହୋଇଛନ୍ତି। ଜାତି, ଧର୍ମ, ବୟସ, ଲିଙ୍ଗ, ଜନ୍ମସ୍ଥାନ ନିର୍ବିଶେଷରେ ଏହି ଦିନଟି ସମସ୍ତଙ୍କ ପାଇଁ ଆଶା, ଖୁସି ଓ ମାନବିକତାର ଦିବସ ରୂପେ ପ୍ରତୀଭାତ ହୋଇଛି। ମେ'୨ରୁ ୧୬ ତାରିଖ ପର୍ଯ୍ୟନ୍ତ ୧୫ ଦିନ ବ୍ୟାପୀ ପାଳିତ ହୋଇଯାଇଛି ଖୁସିର ପକ୍ଷ। ଏହି ଅବସରରେ ଆର୍ଟ୍ ଅଫ୍ ଗିଭିଂର ଅନୁଗାମୀମାନେ ସେମାନଙ୍କ ପଡ଼ୋଶୀ ଓ ସ୍ଥାନୀୟ ବାସିନ୍ଦାଙ୍କ ସହ ଖୁସି ବାଣ୍ଟିବା ସହ ଆର୍ଟ୍ ଅଫ୍ ଗିଭିଂର ବାର୍ତ୍ତା ପ୍ରଚାର କରିଥିଲେ। ଏହି ଅବସରରେ ଆର୍ଟ୍ ଅଫ୍ ଗିଭିଂର ଅନୁଗାମୀ ଓ ଶୁଭେଚ୍ଛୁ ମାନଙ୍କୁ ଧନ୍ୟବାଦ ଜଣାଇ ଆର୍ଟ୍ ଅଫ୍ ଗିଭିଂର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଛନ୍ତି, ୨୦୧୩ ମେ ୧୭ ତାରିଖରେ ଯେଉଁ ବୀଜ ବପନ କରାଯାଇଥିଲା, ତାହା ଆଜି ଏକ ଜନଆନ୍ଦୋଳନରେ ପରିଣତ ହୋଇଛି। ଲୋକମାନେ ଏହାକୁ ଗ୍ରହଣ କରିଛନ୍ତି। ଏହା ଲୋକଙ୍କ ମଧ୍ୟରେ ଏତେ ଆଦୃତ ହୋଇଛି ଯେ, ସମଗ୍ର ବିଶ୍ୱରେ ବିଶେଷ କରି ଭାରତ ଏବଂ ଓଡ଼ିଶାର ଲୋକମାନେ ଏହାକୁ ଏକ ପର୍ବ ଭାବରେ ପାଳନ କରୁଛନ୍ତି। ଏହା ଦ୍ୱାରା ସମାଜରେ ଶାନ୍ତି, ମୈତ୍ରୀ, ସୌହାର୍ଦ୍ଦ୍ୟ, ବନ୍ଧୁତା ଓ ଭଲପାଇବା ଆହୁରି ଦୃଢ଼ିଭୂତ ହେବା ସହ ବୃଦ୍ଧି ପାଇବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

# ରାସ୍ତା ବିଲ୍ ପାଇଁ ଲାଞ୍ଚ ନେଇ ଧରା ପଡ଼ିଲେ କନିଷ୍ଠ ଯନ୍ତ୍ରୀ

**ଭଦ୍ରକ, ୧୭/୦୫**
**ନ୍ୟୁଜ ବ୍ୟୁରୋ**

ରାସ୍ତା କାମର ବକେୟା ବିଲ୍ ପାଇଁ ରାସ୍ତାଉପରେ ନେଉଥିଲେ ଲାଞ୍ଚ। ଠିକାଦାରଙ୍କ ଠାରୁ ଲାଞ୍ଚ ନେବା ବେଳେ ମାଡ଼ି ବସିଲା ଭିଜିଲାନ୍ସ। ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକର କନିଷ୍ଠ ଯନ୍ତ୍ରୀ



ଅଶୋକ ଦାସ ଲାଞ୍ଚ ନେବାବେଳେ ଧରା ପଡ଼ିଛନ୍ତି। ସୂଚନା ଅନୁଯାୟୀ କନିଷ୍ଠ ଯନ୍ତ୍ରୀ ଅଶୋକ ଦାସ ଏକ ରାସ୍ତା କାମର ବିଲ ପାଇଁ ଠିକାଦାରଙ୍କୁ ଲାଞ୍ଚ ମାଗିଥିଲେ। ଏ ନେଇ ଭିଜିଲାନ୍ସକୁ ଜଣାଇଥିଲେ ଠିକାଦାର। ପରେ ବାସୁଦେବପୁର ବ୍ଲକ ଅଧିନ ନିଉ ଇଣ୍ଡିଆ ଛକ ନିକଟରେ କନିଷ୍ଠ ଯନ୍ତ୍ରୀ ଅଶୋକ ଦାସ ୧୦ ହଜାର ଟଙ୍କା ନେଉଥିବା ବେଳେ ବାଲେଶ୍ୱର ଓ ଭଦ୍ରକର ଭିଜିଲାନ୍ସ ଟିମ ମିଳିତ ଭାବେ ରାସ୍ତା ଉପରେ ମାଡ଼ି ବସିଥିଲେ। ଅଶୋକଙ୍କୁ ଭଦ୍ରକ ଭିଜିଲାନ୍ସ ଅଫିସକୁ ଅଣାଯାଇଥିବା ବେଳେ ତାଙ୍କ ବାସଭବନ, ଭଡା ଘର୍ ଓ ସରକାରୀ କାର୍ଯ୍ୟାଳୟରେ ଏକକାଳୀନ ଚଢ଼ଉ ହେଉଥିବା ନେଇ ସୂଚନା ମିଳିଛି।

# ଇସ୍କନର ଅଦିନିଆ ରଥଯାତ୍ରା ବିବାଦ : ରାଜ୍ୟ ଓ କେନ୍ଦ୍ର ସରକାର ହସ୍ତକ୍ଷେପ କରିବାକୁ ଦାବି

**ଭୁବନେଶ୍ୱର, ୧୭/୦୫ ନ୍ୟୁଜ ବ୍ୟୁରୋ**

ପୁଣି ତେଜିଲା ଇସ୍କନ ର ଅଦିନିଆ ରଥଯାତ୍ରା ବିବାଦ। ରବିବାର ଲଣ୍ଡନରେ ହେବାକୁ ଥିବା ରଥଯାତ୍ରାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେବାୟତମାନେ ରାଜ୍ୟ ଓ କେନ୍ଦ୍ର ସରକାର ହସ୍ତକ୍ଷେପ କରିବାକୁ ଦାବି କରିବା ସହ ତୁରନ୍ତ ଇସ୍କନର ଅଦିନିଆ ରଥଯାତ୍ରା ବନ୍ଦ କରିବାକୁ କହିଛନ୍ତି। ସେମାନେ କହିଛନ୍ତି ଇସ୍କନ୍ ବାରମ୍ବାର ନିୟମ ବାହାରେ କାର୍ଯ୍ୟ କରୁଛି। ମହାପ୍ରଭୁଙ୍କ ପରମ୍ପରାକୁ ସମସ୍ତେ ମାନିବା ଆବଶ୍ୟକ । ଓଡ଼ିଆଙ୍କ ପ୍ରତି କୁଠାରଘାତ କରିଛି ଇସ୍କନ୍। ଶାସ୍ତ୍ରୀୟ ମତ ଅନୁଯାୟୀ, ପ୍ରତ୍ୟେକ ବର୍ଷ ଆଷାଢ଼ ମାସ ଶୁକ୍ଲପକ୍ଷ ଦ୍ୱିତୀୟା ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେଉଛି। କିନ୍ତୁ ଇସ୍କନ ପକ୍ଷରୁ ଏହାକୁ ଉଲ୍ଲଙ୍ଘନ କରି ମୁମ୍ବାଇ ସମେତ ଦେଶ ବିଦେଶର ବିଭିନ୍ନ ସ୍ଥାନରେ ଅଦିନିଆ ରଥଯାତ୍ରା ଆୟୋଜନ କରିଆସୁଛି। ରବିବାର ଲଣ୍ଡନରେ ଅଦିନିଆ ରଥଯାତ୍ରା କରିବ ଇସ୍କନ। ଏହି ପ୍ରସଙ୍ଗକୁ କେନ୍ଦ୍ରକରି ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ପୂର୍ବରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ନିର୍ଦ୍ଧାରିତ ତିଥିରେ ରଥଯାତ୍ରା ଆୟୋଜନ ପାଇଁ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ନିକଟରେ ଚିଠି ଲେଖି ଇସ୍କନକୁ ପରାମର୍ଶ ଦେଇଥିଲେ।

# ବିସ୍କୁଟ କମ୍ପାନୀରେ ଅଗ୍ନିକାଣ୍ଡ ଜଳିଗଲା ଅନେକ ସାମଗ୍ରୀ

**କଟକ ୧୭।୦୫**
**ନ୍ୟୁଜ ବ୍ୟୁରୋ**

ବିସ୍କୁଟ କମ୍ପାନୀରେ ଲାଗିଲା ନିଆଁ । କଟକ ଜଗତପୁରରେ ଥିବା ଏକ ବିସ୍କୁଟ କମ୍ପାନୀରେ ନିଆଁ ଲାଗିଛି । ଯେଉଁଥିରେ ବହୁ ପରିମାଣର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ସୂଚନା ଅନୁଯାୟୀ, କଟକ ଜଗତପୁରରେ ଏକ ବିସ୍କୁଟ କମ୍ପାନୀ ରହିଛି । ଯେଉଁଥିରେ ଶନିବାର ଦିନ ସକାଳ ସମୟରେ ହଠାତ୍ ନିଆଁ ଲାଗିଥିବାର ଦେଖିଥିଲେ କର୍ମଚାରୀ। ଏହାପରେ ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ସୂଚନା ପାଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭା କାର୍ଯ୍ୟ ଆରମ୍ଭ କରିଥିଲେ। ଦୁଇଟି ଅଗ୍ନିଶମ ବାହିନୀର ଗାଡ଼ି ନିଆଁ ଲିଭାରେ ନିୟୋଜିତ ଥିବା ବେଳେ ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନାହାଁନ୍ତି। ହେଲେ ନିଆଁ ଲାଗି ଅନେକ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି ।

# ବଜ୍ରପାତ ଜନିତ ମୃତ୍ୟୁ ରୋକିବା ପାଇଁ ସରକାର ତତ୍ପର : ଲଗାଯିବ ଅଧିକ ତାଳ ଗଛ

**ଭୁବନେଶ୍ୱର ୧୭।୫ ନ୍ୟୁଜ ବ୍ୟୁରୋ**

ବଜ୍ରପାତ ଜନିତ ମୃତ୍ୟୁ ରୋକିବା ପାଇଁ ଅଧିକ ତାଳ ଗଛ ଲଗାଯିବ । ଏ ନେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ସୂଚନା ଦେଇଛନ୍ତି । ମନ୍ତ୍ରୀ ଆହୁରି କହିଛନ୍ତି, ବଜ୍ରପାତ ଜନିତ ମୃତ୍ୟୁ ରୋକିବା ପାଇଁ ସରକାର ତତ୍ପର । ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଅଧିକ ତାଳ ଗଛ ଲଗାଇବା ପାଇଁ ପଦକ୍ଷେପ ନିଆଯାଇଛି। ପୂର୍ବ ବର୍ଷ ଟାର୍ଗେଟ୍‌କୁ ପୂରଣ କରାଯାଇଛି । ପୂର୍ବରୁ ୨୦ ଲକ୍ଷ ଗଛ ଲଗାଯାଇଥିଲା । ଏବର୍ଷ ୫ରୁ ୬ କୋଟି ଟଙ୍କାର ତାଳ ଗଛ ଲଗାଇବା ପାଇଁ ବିଭାଗ ନିଷ୍ପତ୍ତି ନେଇଛି ବୋଲି ମନ୍ତ୍ରୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବିଭିନ୍ନ ଜିଲ୍ଲାରେ ବର୍ଷା,



ପବନ ସାଙ୍ଗକୁ ଘନଘନ ବଜ୍ରପାତରେ ବହୁ ଧନଜୀବନ କ୍ଷୟକ୍ଷତି ହୋଇଛି । ଶୁକ୍ରବାର ଦିନକରେ ବଜ୍ରପାତ ଘଟି ୧୪ ଜଣଙ୍କ ଜୀବନ ଚାଲିଯାଇଛି । ୨୦ରୁ ଅଧିକ ଆହତ ହୋଇ ବିଭିନ୍ନ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି । ଅନେକ ଗୋରୁ ଗାଈଙ୍କର ବି ମୃତ୍ୟୁ ଘଟିଛି। ଖାଲି ସେତିକି ନୁହେଁ, କାଳବୈଶାଖୀ ପବନ ମାଡ଼ରେ ବହୁ ସ୍ଥାନରେ ଘର କାନ୍ଥ, ଛପର ଭାଙ୍ଗିଯାଇଛି । ସେହିପରି ଭୁବନେଶ୍ୱର ନୟାପଲ୍ଲୀ ମଣିଷ ହାଟରେ ହଠାତ ପହଞ୍ଚିଛନ୍ତି ଶ୍ରମମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ । କାମ ଅପେକ୍ଷାରେ ଥିବା ଶ୍ରମିକଙ୍କ ସହ ଆଲୋଚନା କରିଛନ୍ତି ମନ୍ତ୍ରୀ । ଶ୍ରମିକଙ୍କ ବିକାଶ ତଥା ସୁରକ୍ଷା ପାଇଁ ଥିବା ସରକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଛନ୍ତି । ବିଭାଗୀୟ ଅଧିକାରୀ ମନ୍ତ୍ରୀଙ୍କ ସାଥିରେ ଥିବା ବେଳେ ସବୁ ସମସ୍ୟାର ସମାଧାନ ସ୍ପଟ୍‌ରେ ହେବ ବୋଲି କହିଛନ୍ତି ମନ୍ତ୍ରୀ । ମଣିଷ ହାଟକୁ ଯିବା ପୂର୍ବରୁ ନାର୍ବାଡ୍ ଅଫିସକୁ ସରପ୍ରାଇଜ୍ ଭିଜିଟ କରିଥିଲେ ମନ୍ତ୍ରୀ।

## ଅପରେସନ-"ସିନ୍ଦୂର"




ସୌମ୍ୟ ରଞ୍ଜନ ବେହେରା
ଶ୍ରେଣୀ-୯
କେନ୍ଦ୍ରୀୟ ବିଦ୍ୟାଳୟ

# ୟୁରୋପ ଜଳବାୟୁ ସଙ୍କଟ ଭାରତକୁ ନୂତନ ବିଶ୍ୱ ସବୁଜ ସହଭାଗିତା ସୃଷ୍ଟି କରିବାକୁ ଆହ୍ୱାନ

**ହାଇଦ୍ରାବାଦ୍ : ୧୭/୦୫**

କୋପରନିକସ୍ ଜଳବାୟୁ ପରିବର୍ତ୍ତନ ସେବା ଏବଂ ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲୁଏମ୍‌ଓ) ଦ୍ୱାରା ମିଳିତ ଭାବେ ପ୍ରକାଶିତ ୟୁରୋପୀୟ ଜଳବାୟୁ ସ୍ଥିତି (ଇଏସ୍‌ଓସିସି) ରିପୋର୍ଟ- ଭାରତକୁ ସତର୍କ ରହିବାର କାରଣ ଦେଇଛି। ରିପୋର୍ଟ ଦର୍ଶାଇଛି ଯେ, ୟୁରୋପ ବିଶ୍ୱର ହାରାହାରି ତୁଳନାରେ ଦୁଇଗୁଣ ଗତିରେ ଉଷ୍ମ ହେଉଛି ଏବଂ ୨୦୨୪ ବର୍ଷ ରେକର୍ଡରେ ଏହାର ସବୁଠାରୁ ଉତ୍ତପ୍ତ ବର୍ଷ ଭାବେ ପରିଚିତ ହେବ। ଭୟଙ୍କର ମରୁଡ଼ି ଦକ୍ଷିଣ ୟୁରୋପକୁ ଜଳାଇ ଦେଇଥିଲା, କେନ୍ଦ୍ରୀୟ ଏବଂ ପୂର୍ବ ଅଞ୍ଚଳଗୁଡ଼ିକରେ ଅଭୂତପୂର୍ବ ବନ୍ୟା ପ୍ରବାହିତ ହୋଇଥିଲା ଏବଂ ବ୍ୟାପକ ଗରମ ଲହରୀ ଜୀବନ, କୃଷି ଏବଂ ଶକ୍ତି ବ୍ୟବସ୍ଥାକୁ ବାଧା ଦେଇଥିଲା। ଏହି ଘୂର୍ଣ୍ଣନଶୀଳ ପ୍ରଭାବ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର ସଙ୍କେତ ଦେଇଛି: ୟୁରୋପ ଆଉ ଜଳବାୟୁ ସଙ୍କଟର ଦୂରବର୍ତ୍ତୀ ପର୍ଯ୍ୟବେକ୍ଷକ ନୁହେଁ - ବରଂ ଏହା ବର୍ତ୍ତମାନ ଏକ ସିଧାସଳଖ ଶିକାର। ୟୁରୋପ ସହିତ ଏକ ଦୃଢ଼ ଜଳବାୟୁ ସହଭାଗୀତାରୁ ଭାରତ ବହୁ ଦିନ ଧରି ଲାଭବାନ ହୋଇଆସୁଛି। ଏଥିରେ ସବୁଜ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ପାଇଁ ଆର୍ଥିକ ସହାୟତା, ବୈଷୟିକ ସହଯୋଗ ଏବଂ ବାଣିଜ୍ୟ ତନ୍ତ୍ରର ଉପଯୋଗ ଅନ୍ତର୍ଭୁକ୍ତ। ସ୍ମାର୍ଟ ସହରାଞ୍ଚଳ ଯୋଜନାଠାରୁ



ଆରମ୍ଭ କରି ସ୍ୱଚ୍ଛ ଶକ୍ତି ସହଯୋଗ ପର୍ଯ୍ୟନ୍ତ, ଭାରତ-ୟୁରୋପୀୟ ସଂଘ ମିଳିତ ଭାବେ ଭାରତର ଜଳବାୟୁ ଲକ୍ଷ୍ୟ ହାସଲ କରିବା ପ୍ରୟାସର କେନ୍ଦ୍ରବିନ୍ଦୁ ହୋଇଛି। ଯେହେତୁ ଜଳବାୟୁ ପରିବର୍ତ୍ତନ ମହାଦେଶ ଉପରେ ଏହାର କବ୍‌ଜାକୁ ଦୃଢ଼ କରୁଛି, ତେଣୁ ୟୁରୋପ ନିଜର ଅର୍ଥନୀତି ଏବଂ ଜନସଂଖ୍ୟାକୁ ସୁରକ୍ଷା ଦେବା ପାଇଁ ଏହାର ଆର୍ଥିକ, ପ୍ରଯୁକ୍ତିବିଦ୍ୟା ଏବଂ ରାଜନୈତିକ ଧ୍ୟାନକୁ ଏହା ମଧ୍ୟକୁ ଫେରାଇ ଆଣିବାର ସମ୍ଭାବନା ରହିଛି। ୟୁରୋପୀୟ କମିଶନ ପୂର୍ବରୁ ଆକଳନ କରିସାରିଛି ଯେ, ୩ ଡିଗ୍ରୀ ସେଲସିୟସ୍ ବିଶ୍ୱ ତାପମାତ୍ରା ବୃଦ୍ଧି ୨୧୦୦ ସୁଦ୍ଧା ୟୁରୋପିୟନ ୟୁନିଅନ (ଇୟୁ)ଜିଡିପି ୭ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିପାରେ। ୟୁରୋପୀୟ ପରିବେଶ ଏଜେନ୍ସି ଏବଂ ଯୁଗ୍ମ ଗବେଷଣା କେନ୍ଦ୍ରର ଏକ ମିଳିତ ମୂଲ୍ୟାଙ୍କନ ଚେତାବନୀ ଦେଇଛି ଯେ, ୟୁରୋପରେ ଚରମ ପାଣିପାଗ ଜନିତ ଘଟଣା ଯୋଗୁଁ ବାର୍ଷିକ ଆର୍ଥିକ କ୍ଷତି ଦଶ ଗୁଣା ବୃଦ୍ଧି ପାଇପାରେ। ଯଦି ଏହାକୁ ପର୍ଯ୍ୟାପ୍ତ ଭାବେ ହ୍ରାସ କରାନଯାଏ, ତେବେ ଗତ ଦଶନ୍ଧିରେ ୧୨ ବିଲିୟନ ୟୁରୋରୁ ୨୧୦୦ ସୁଦ୍ଧା ୧୭୦ ବିଲିୟନ ୟୁରୋକୁ ପହଞ୍ଚିବ। ଏହି ବର୍ଦ୍ଧିତ ଘରୋଇ ଦୁର୍ବଳତା ୟୁରୋପର ବାହ୍ୟ ଜଳବାୟୁ ଆର୍ଥିକ ପ୍ରତିବଦ୍ଧତାର ପୁନଃମୂଲ୍ୟାୟନକୁ ତ୍ୱରାନ୍ୱିତ କରିପାରେ। ଭାରତକୁ ପ୍ରଥମେ ୟୁରୋପରୁ ଜଳବାୟୁ ଆର୍ଥିକ ପ୍ରବାହକୁ ସୁଦୃଢ଼ କରିବା ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ। ୨୦୨୨ ମସିହାରେ ୟୁରୋପୀୟ ସଂଘର ଦେଶମାନେ ମିଳିତ ଭାବେ ଅନ୍ତର୍ଜାତୀୟ ଜଳବାୟୁ ପାଣ୍ଠିରେ ପ୍ରାୟ ୨୩ ବିଲିୟନ ୟୁରୋ ଯୋଗଦାନ କରିବେ, ଯାହା ୟୁଏନ୍‌ଏଫ୍‌ସିସିସି ଅଧୀନରେ ବିକଶିତ ଦେଶଗୁଡ଼ିକ ଦ୍ୱାରା ପ୍ରତିବଦ୍ଧ ସମସ୍ତ ଜଳବାୟୁ ପାଣ୍ଠିର ପ୍ରାୟ ୪୫ ପ୍ରତିଶତ ଥିଲା। ଭାରତ-ଇୟୁ କ୍ଲିନ୍ ଏନର୍ଜି ଆଣ୍ଡ କ୍ଲାଇମେଟ୍ ପାର୍ଟନରସିପ୍ ଭଳି ମେକାନିଜିମ୍ ମାଧ୍ୟମରେ ଏଥିରୁ ସିଧାସଳଖ ଲାଭ ପାଇଛି, ଯାହା ସୌର ପାର୍କ ବିକାଶ, ସ୍ମାର୍ଟ ଗ୍ରୀଡ୍ ଏବଂ ଜଳବାୟୁ-ସ୍ଥାପକ ସହରାଞ୍ଚଳ ଯୋଜନା ପାଇଁ ୨୦୦ ନିୟୁତ ୟୁରୋରୁ ଅଧିକ ପ୍ରତିବଦ୍ଧତା ପ୍ରଦାନ କରିଛି । ତଥାପି, ସଂକୋଚନର ପ୍ରାରମ୍ଭିକ ଲକ୍ଷଣ ସ୍ପଷ୍ଟ। ବ୍ରିଟେନ ଏହାର ସରକାରୀ ବିକାଶ ସହାୟକ ବଜେଟକୁ ମୋଟ୍ ଜାତୀୟ ଆୟର ୦.୫ ପ୍ରତିଶତରୁ ୦.୩ ପ୍ରତିଶତକୁ ହ୍ରାସ କରିଛି। ସହାୟତା ପାଇଁ ୪ ବିଲିୟନ ପାଉଣ୍ଡରୁ ଅଧିକ ହ୍ରାସ କରାଯାଇଛି, ଯାହା ମଧ୍ୟରୁ କିଛି ଦକ୍ଷିଣ ଏସିଆରେ ଜଳବାୟୁ ଅନୁକୂଳନ ଏବଂ କ୍ଷମତା-ନିର୍ମାଣ ପ୍ରକଳ୍ପଗୁଡ଼ିକୁ ପାଣ୍ଠି ଯୋଗାଇଛି। ଜର୍ମାନୀର ୨୦୨୩ ବଜେଟରେ ବିଦେଶୀ ବିକାଶ ପାଣ୍ଠିରେ ୧୫ ପ୍ରତିଶତ ହ୍ରାସ ଦେଖାଯାଇଥିଲା, ଯେତେବେଳେ ବେଲଜିୟମ ଅନେକ ନୂତନ ଦ୍ୱିପାକ୍ଷିକ ସହାୟତା କାର୍ଯ୍ୟକ୍ରମକୁ ସ୍ଥଗିତ କରିଦେଇଛି।

ଏହି କଟକଣା ଭାରତ ପାଇଁ ଏକ ସତର୍କ ସଙ୍କେତ, ଯାହା ୨୦୩୦ ସୁଦ୍ଧା ଏହାର ଜାତୀୟ ନିର୍ଦ୍ଧାରିତ ଅବଦାନ ପୂରଣ କରିବା ପାଇଁ ବାର୍ଷିକ ୧୩୦ ବିଲିୟନ ଜଳବାୟୁ ଆର୍ଥିକ ନିଅଣ୍ଟର ସମ୍ମୁଖୀନ ହେଉଛି। ଏହି ଉଦୀୟମାନ ବ୍ୟବଧାନକୁ ପୂରଣ କରିବା ପାଇଁ, ଭାରତକୁ ବହୁପାକ୍ଷିକତା ଏବଂ ଦକ୍ଷିଣ-ଦକ୍ଷିଣ ସହଭାଗୀତାକୁ ଦ୍ୱିଗୁଣିତ କରିବାକୁ ପଡ଼ିବ। ବ୍ରିକ୍ସ ନେତୃତ୍ୱାଧୀନ ନୂତନ ବିକାଶ ବ୍ୟାଙ୍କ ଏହାର ୨୫ ବିଲିୟନ ଡଲାର ପୁଞ୍ଜି ଆଧାର ଏବଂ ଜଳବାୟୁ ଋଣ ପ୍ରତି ବଢୁଥିବା ଆଗ୍ରହ ସହିତ ରିହାତି ଆର୍ଥିକ ସହାୟତାର ଏକ ପ୍ରମୁଖ ଉତ୍ସ ହୋଇପାରିବ। ଭାରତ ଟାୟାର-୨ ଏବଂ ଟାୟାର-୩ ସହର ଭିତ୍ତିଭୂମିକୁ ଆର୍ଥିକ ସହାୟତା ଦେବା ପାଇଁ ସ୍ଥାନୀୟ-ମୁଦ୍ରା ଜଳବାୟୁ ବଣ୍ଡ ପରିଚାଳନା କରିବାକୁ ଏନ୍‌ଡିବିକୁ ଉତ୍ସାହିତ କରିବା ପାଇଁ ପ୍ରୟାସର ନେତୃତ୍ୱ ନେଇପାରେ, ଯାହାକୁ ପ୍ରାୟତଃ ବିଶ୍ୱ ପୁଞ୍ଜି ଦ୍ୱାରା ଅନୁଭୂତ ବିପଦ ଯୋଗୁଁ ଅଣଦେଖା କରାଯାଏ।

ଆଗାମୀ ବ୍ରିକ୍ସ ଏବଂ ସିଓପି ୩୦ ସଭାପତି ଭାବେ, ବ୍ରାଜିଲ "ବ୍ୟାକ ଟୁ ବେଲେମ' ପ୍ରୟାସ ଆରମ୍ଭ କରିଛି, ଯାହାର ଲକ୍ଷ୍ୟ ୨୦୩୫ ସୁଦ୍ଧା ବିଶ୍ୱ ଦକ୍ଷିଣ ପାଇଁ ୧.୩ ଟ୍ରିଲିୟନ ଡଲାର ଜଳବାୟୁ ପାଣ୍ଠି ସଂଗ୍ରହ କରିବା। ଏହି ପ୍ରୟାସର ସହ-ଡିଜାଇନ୍ କରିବାରେ ଭାରତ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିପାରିବ। ଏହାସହିତ ବିଶ୍ୱସ୍ତରୀୟ ଦାନଶୀଳ ଜଳବାୟୁ ପାଣ୍ଠି ବୃଦ୍ଧି ପାଉଛି। କେବଳ ବେଜୋସ୍ ଆର୍ଥ ଫଣ୍ଡ ଜଳବାୟୁ ସମାଧାନ ପାଇଁ ୧୦ ବିଲିୟନ ପ୍ରତିଶ୍ରୁତିବଦ୍ଧ ଏବଂ ବ୍ଲୁମବର୍ଗ ଫିଲାନ୍ଥ୍ରପିଜ୍ ୨୦୨୩ ମସିହାରେ ସ୍ୱଚ୍ଛ ଶକ୍ତି ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ପାଇଁ ୫୦୦ ନିୟୁତରୁ ଅଧିକ ବଣ୍ଟନ କରିବ। ଭାରତର କେନ୍ଦ୍ରୀକୃତ ନବୀକରଣୀୟ ଶକ୍ତି ପ୍ରକଳ୍ପ କିମ୍ବା ହିଟ୍ ଆକ୍ସନ୍ ପ୍ଲାନରେ ଏପରି ଦାନଶୀଳ ପୁଞ୍ଜିକୁ ସଂଗ୍ରହ କରିବା ପାଇଁ ଏକ ଜାତୀୟ ମଞ୍ଚ ନମନୀୟ, ଦ୍ରୁତ ବିତରଣଯୋଗ୍ୟ ପାଣ୍ଠି ଖୋଲିପାରେ।

# ଓଡ଼ିଶା ସଚିବାଳୟ ପ୍ରଶିକ୍ଷଣ ଅନୁଷ୍ଠାନରେ ନବନିଯୁକ୍ତ ଅମଲାଙ୍କୁ ଦିଆଯିବ ପ୍ରଶିକ୍ଷଣ

**ଭୁବନେଶ୍ୱର,୧୭।୫ :ନ୍ୟୁଜ ବ୍ୟୁରୋ**

ରାଜ୍ୟର ପ୍ରଶାସନିକ କ୍ଷେତ୍ରରେ ଗୁରୁ ଦାୟିତ୍ୱ ତୁଲାଉଥିବା ଅମଲା ବା ଆସିଷ୍ଟାଣ୍ଟ ସେକ୍ସନ ଅଫିସର, ସେକ୍ସନ ଅଫିସର (ଏସ୍‌ଓ)ଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ନୂଆ ପ୍ରଶିକ୍ଷଣ ଅନୁଷ୍ଠାନ ଖୋଲିବ। ନବନିଯୁକ୍ତ ଏଏସଓ ଏଠାରୁ ପ୍ରଶିକ୍ଷଣ ନେବା ପରେ ହିଁ ବିଭିନ୍ନ ବିଭାଗରେ ନିଯୁକ୍ତି ପାଇବେ। ଦୈନନ୍ଦିନ ପ୍ରଶାସନିକ କାମ କିଭଳି ତୁଲାଇବେ ଏଠାରେ ସେ ସମ୍ପର୍କରେ ତିନି ମାସ ପାଠ ପଢିବେ। ଉତ୍ତରଦାୟିତ୍ୱର ସହ କିଭଳି ସରକାରୀ ଫାଇଲ କାମ କରିବେ ଓ ନୋଟିଙ୍ଗ ଲେଖିବେ ତାହା ମଧ୍ୟ ଏଠାରେ ଶିଖିବେ। ପୂର୍ବରୁ ତୋଷାଳି ଭବନରେ ଏକ ପ୍ରଶିକ୍ଷଣ ଅନୁଷ୍ଠାନ କାର୍ଯ୍ୟ କରୁଥିଲା। ତେବେ ପୂର୍ତ୍ତ ବିଭାଗ ପକ୍ଷରୁ ୟୁନିଟ- ୨ ମାର୍କେଟ ବିଲଡିଂ ପଛ ପାଖରେ ଓଡ଼ିଶା ସଚିବାଳୟ ପ୍ରଶିକ୍ଷଣ ଅନୁଷ୍ଠାନର ନୂଆ କୋଠା ତିଆରି କରାଯାଇଛି। ମୁଖ୍ୟମନ୍ତ୍ରୀ ଖୁବ୍‌ଶୀଘ୍ର ଏହି ନୂଆ କୋଠାକୁ ଉଦ୍‌ଘାଟନ କରିବେ ବୋଲି ସୂଚନା ମିଳିଛି।

# ମାନସ ମଲ୍ଲିକ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧକ୍ଷ ନିଯୁକ୍ତ

**ଭୁବନେଶ୍ୱର,୧୭।୫ :ନ୍ୟୁଜ ବ୍ୟୁରୋ**

ଭାରତୀୟ ଯୁବ କଂଗ୍ରେସର ପୂର୍ବତନ ରାଷ୍ଟ୍ରୀୟ ସମ୍ପାଦକ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ଉପସଭାପତି ଆଇନଜୀବୀ ମାନସ କୁମାର ମଲ୍ଲିକଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗର ରାଜ୍ୟ ଅଧକ୍ଷ ଭାବେ ନିଯୁକ୍ତ କରାଯାଇଛି। ଭାରତୀୟ ଜାତୀୟ କଂଗ୍ରେସର ସଭାପତି ମଲ୍ଲିକାର୍ଜ୍ଜୁନ ଖଡ଼ଗେଙ୍କ ଅନୁମୋଦନ କ୍ରମେ ଅଖିଳ ଭାରତୀୟ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ କେ.ସି. ଭେନୁଗୋପାଲ ଆଇନଜୀବୀ ଶ୍ରୀ ମଲ୍ଲିକଙ୍କୁ ଉକ୍ତ ନିଯୁକ୍ତି ଦେଇଛନ୍ତି।

ଆଇନଜୀବୀ ଶ୍ରୀ ମଲ୍ଲିକ ଛାତ୍ର ଜୀବନରୁ କଂଗ୍ରେସ ଦଳରେ ସକ୍ରିୟ ଭାବେ କାର୍ଯ୍ୟ କରିଆସୁଛନ୍ତି। ଏଥି ପୂର୍ବରୁ ସେ ରାଜ୍ୟ କଂଗ୍ରେସର ଉପସଭାପତି, ଅଖିଳ ଭାରତୀୟ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ରାଷ୍ଟ୍ରୀୟ ଆବାହାକ, ଯୁବ କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ, ଯୁବ କଂଗ୍ରେସର ରାଜ୍ୟ ଉପସଭାପତି, ଆମ ଆଦ୍‌ମୀ କା ସିପାହୀର ରାଜ୍ୟ ସଂଯୋଜକ, କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯ୍ୟକାରୀ ସଭାପତି ଭାବେ ସୁଚାରୁ ରୂପେ କାର୍ଯ୍ୟ କରିଛନ୍ତି। ରାଜ୍ୟ ଯୁବ କଂଗ୍ରେସର ଏକମାତ୍ର କର୍ମକର୍ତ୍ତା ଭାବେ ଶ୍ରୀ ମଲ୍ଲିକ ଦେଶର ୧୨ଟି ରାଜ୍ୟ ଯଥା ପଞ୍ଜାବ, ଗୁଜୁରାଟ, ରାଜସ୍ଥାନ, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଉତ୍ତରପ୍ରଦେଶ, ବିହାର, କାଶ୍ମୀର ଏବଂ ଆସାମରେ କଂଗ୍ରେସ ଦଳର ବିଭିନ୍ନ ଦାୟିତ୍ୱ ସମ୍ପାଦନ କରିଛନ୍ତି।